


ଓଡ଼ିଶା ସରକାର

# ବଜେଟ୍
## ୨୦୧୮-୧୯

# ସାଧାରଣ
## ଦ୍ୱିତୀୟ ଭାଗ

**ଶ୍ରୀ ଶଶିଭୂଷଣ ବେହେରା**

ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ

୨୩ ମାର୍ଚ୍ଚ, ୨୦୧୮

**ମାନ୍ୟବର ବାଚସ୍ପତି ମହୋଦୟ !**

ମୁଁ ବର୍ତ୍ତମାନ **ସାଧାରଣ ବଜେଟ୍** ଉପସ୍ଥାପନ କରିବାକୁ ଯାଉଛି ।

**ଆର୍ଥିକ ପରିଚାଳନାର ମୁଖ୍ୟାଂଶ**

**2.** ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଦକ୍ଷ ନେତୃତ୍ୱରେ ନିରବଚ୍ଛିନ୍ନ ଭାବେ ଓଡିଶା, ଆର୍ଥିକ ପରିଚାଳନାରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି । ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ, 2005 ରେ ନିର୍ଦ୍ଧାରିତ ଆର୍ଥିକ ସୂଚକାଙ୍କ ହାସଲ କରିବାରେ ରାଜ୍ୟ ସମର୍ଥ ହୋଇଛି ।

**3.** ଆର୍ଥିକ ପରିସର ବୃଦ୍ଧି ଦ୍ୱାରା ଉପଲବ୍ଧ ସମ୍ବଳକୁ ଭୌତିକ, ସାମାଜିକ ଓ ମାନବ ପୁଞ୍ଜିର ବିକାଶ ନିମନ୍ତେ ଫଳପ୍ରଦଭାବେ ନିୟୋଜନ କରାଯାଇଛି । 2007-08 ରେ 5 ହଜାର 105 କୋଟି ଟଙ୍କା ରାଜ୍ୟର ଯୋଜନା କାର୍ଯ୍ୟକ୍ରମ ବ୍ୟୟ ଅଟକଳ ଥିଲାବେଳେ 10 ବର୍ଷ ଭିତରେ 2017-18 ରେ ଏହା ଏଗାର ଗୁଣରୁ ଅଧିକ ବୃଦ୍ଧି ପାଇ **57 ହଜାର 800 କୋଟି ଟଙ୍କା**ରେ ପହଁଞ୍ଚିଛି । ସେହିପରି, ପୁଞ୍ଜି ଅଟକଳ 2007-08 ରେ 2 ହଜାର 843 କୋଟି ଟଙ୍କା ଥିଲାବେଳେ 2017-18 କୁ ତାହା **20 ହଜାର 774 କୋଟି ଟଙ୍କା**କୁ ବୃଦ୍ଧି ପାଇଛି, ଯାହା ସାମଗ୍ରୀକ ଘରୋଇ ଉତ୍ପାଦର **5 ପ୍ରତିଶତ** ଅଟେ । ଏହି ପୁଞ୍ଜିବ୍ୟୟ ଅଟକଳ, ରାଜସ୍ୱ ହିସାବର ବଳକା ଅର୍ଥ ଏବଂ କିଛି ସରକାରୀ ଋଣ ଦ୍ୱାରା ଭରଣା ହେଉଛି । ତେଣୁ, ପୂର୍ବ ବର୍ଷ ପରି ଆମେ

2017-18 ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟ ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନର ନିର୍ଦ୍ଧାରିତ ସୀମା ଭିତରେ ବିଜ୍ଞତାର ସହିତ ଖୋଲା ବଜାରରୁ ଋଣ ଆଣିଛୁ ।

**4.** 2017-18 ଆର୍ଥିକ ବର୍ଷର, ସଂଶୋଧିତ ଅଟକଳ ଅନୁସାରେ ରାଜସ୍ୱ ବଳକା **8 ହଜାର 873 କୋଟି ଟଙ୍କା** ହେବ ଏବଂ ବିତ୍ତୀୟ ନିଅଣ୍ଟ ସାମଗ୍ରୀକ ଘରୋଇ ଉତ୍ପାଦର **3.4 ପ୍ରତିଶତ**ରେ ରହିବ । ଟିକସ ସାମଗ୍ରୀକ ଘରୋଇ ଉତ୍ପାଦ ଅନୁପାତ ଏବଂ ବର୍ଷ ଶେଷରେ ଋଣ ଭାର ସାମଗ୍ରୀକ ଘରୋଇ ଉତ୍ପାଦ ଅନୁପାତ ଯଥାକ୍ରମେ **6.4 ପ୍ରତିଶତ** ଏବଂ **18.4 ପ୍ରତିଶତ** ରହିବାର ଆଶା କରାଯାଉଛି ।

**2018-19 ଆର୍ଥିକ ବର୍ଷର ବଜେଟ୍ ଅଟକଳ**

**5.** 2018-19 ଆର୍ଥିକ ବର୍ଷ ପାଇଁ ମୋଟ **ପ୍ରଶାସନିକ ବ୍ୟୟ** ଅଟକଳ **50 ହଜାର 761 କୋଟି ଟଙ୍କା** ଅଟେ । ତନ୍ମଧ୍ୟରୁ **ଦରମା** ପାଇଁ **22 ହଜାର 21 କୋଟି ଟଙ୍କା**, **ପେନ୍‌ସନ** ପାଇଁ **11 ହଜାର 912 କୋଟି ଟଙ୍କା**, **ସୁଧଦେୟ** ପାଇଁ **5 ହଜାର 500 କୋଟି ଟଙ୍କା** ଏବଂ **ପୁଞ୍ଜି ସମ୍ପତ୍ତି ରକ୍ଷଣାବେକ୍ଷଣ** ପାଇଁ **4 ହଜାର 400 କୋଟି ଟଙ୍କା** ଉଦ୍ଦିଷ୍ଟ ।

**6.** 2018-19 ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ଯୋଜନା କାର୍ଯ୍ୟକ୍ରମର ବ୍ୟୟ ଅଟକଳ **67 ହଜାର କୋଟି ଟଙ୍କା** ହେବ । ଏଥି ମଧ୍ୟରେ ସରକାରୀ କ୍ଷେତ୍ରପାଇଁ **62 ହଜାର କୋଟି ଟଙ୍କା** ଏବଂ ସରକାରୀ ଉଦ୍ୟୋଗ ପାଇଁ **5 ହଜାର କୋଟି ଟଙ୍କା** ଅନ୍ତର୍ଭୁକ୍ତ ।

**7.** ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ବ୍ୟୟ ଅଟକଳ **1 ହଜାର 865 କୋଟି ଟଙ୍କା** ରହିଛି । ଏତଦ୍‌ବ୍ୟତୀତ ରାଜ୍ୟରୁ ସ୍ଥାନୀୟ ନିକାୟ ସଂସ୍ଥା ମାନଙ୍କୁ **5 ହଜାର 402 କୋଟି ଟଙ୍କା** ହସ୍ତାନ୍ତରିତ ହେବ ।

**8.** ଏହିପରି 2018-19 ଆର୍ଥିକ ବର୍ଷ ପାଇଁ **1 ଲକ୍ଷ 20 ହଜାର 28 କୋଟି ଟଙ୍କା** ବ୍ୟୟ ଅଟକଳ କରାଯାଉଛି । 2018-19 ରେ ପୁଞ୍ଜିବ୍ୟୟ ଅଟକଳ **24 ହଜାର 567 କୋଟି ଟଙ୍କା**, ଯାହା ସାମଗ୍ରୀକ ଘରୋଇ ଉତ୍ପାଦର ପ୍ରାୟ **5.5 ପ୍ରତିଶତ** ଅଟେ । ଅତିରିକ୍ତ ଭାବେ, ଋଣ ଓ ଅଗ୍ରୀମ, ପୁଞ୍ଜି ସମ୍ପତ୍ତି ନିର୍ମାଣ ପାଇଁ ଅନୁଦାନ ଏବଂ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ମୋଟ ବ୍ୟୟବରାଦ **9 ହଜାର 90 କୋଟି ଟଙ୍କା** ଅଟେ, ଯାହା ସାମଗ୍ରୀକ ଘରୋଇ ଉତ୍ପାଦର **2.1 ପ୍ରତିଶତ** । ପୁନଶ୍ଚ, ରାଜ୍ୟ ବଜେଟ୍ ଇତିହାସରେ ପ୍ରଥମଥର ପାଇଁ ଚଳିତ ବର୍ଷ କାର୍ଯ୍ୟକ୍ରମ ବ୍ୟୟ, ବଜେଟ୍‌ର ସମ୍ପୂର୍ଣ୍ଣ ବ୍ୟୟ ଅଟକଳର ଅଧାରୁ ଅଧିକ ଅଟେ ।

**2018-19 ଆର୍ଥିକ ବର୍ଷ ବଜେଟ୍ ପାଇଁ ଅର୍ଥ ଉତ୍ସ**

**9.** 2018-19 ଆର୍ଥିକ ବର୍ଷର ବ୍ୟୟ ଅଟକଳ ପାଇଁ ମୁଖ୍ୟତଃ ରାଜସ୍ୱ ପ୍ରାପ୍ତିରୁ **1 ଲକ୍ଷ 200 କୋଟି ଟଙ୍କା** ଏବଂ ଋଣ ଓ ଅନ୍ୟାନ୍ୟ ପ୍ରାପ୍ତିରୁ **19 ହଜାର 678 କୋଟି ଟଙ୍କା** ଭରଣା ହେବ ବୋଲି ଆକଳନ କରାଯାଇଛି ।

**10.** 2018-19 ଆର୍ଥିକ ବର୍ଷର ରାଜସ୍ୱ ପ୍ରାପ୍ତିରେ କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟର ଅଂଶ **36 ହଜାର 586 କୋଟି ଟଙ୍କା**, ରାଜ୍ୟର ନିଜସ୍ୱ ଟିକସ **28 ହଜାର 550 କୋଟି ଟଙ୍କା**, ରାଜ୍ୟ ଅଣ ଟିକସ ରାଜସ୍ୱ **10 ହଜାର 300 କୋଟି ଟଙ୍କା** ଏବଂ କେନ୍ଦ୍ରୀୟ ଅନୁଦାନ **24 ହଜାର 764 କୋଟି ଟଙ୍କା** ଅନ୍ତର୍ଭୁକ୍ତ । 2018-19 ଆର୍ଥିକ ବର୍ଷରେ ନିଜସ୍ୱ ଟିକସ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ **6.4 ପ୍ରତିଶତ** ହେବ ।

**11.** କେନ୍ଦ୍ର ଓ ଅନ୍ୟ ରାଜ୍ୟମାନଙ୍କ ସହିତ 2017 ମସିହା ଜୁଲାଇ 1 ତାରିଖରୁ ଦ୍ରବ୍ୟ ଓ ସେବା କର (ଜି.ଏସ୍.ଟି) ରାଜ୍ୟରେ ପ୍ରଚଳିତ ହୋଇଛି । ସାଧାରଣ ଲୋକ ବ୍ୟବହାର କରୁଥିବା ଅନେକଗୁଡିଏ ଅତ୍ୟାବଶକୀୟ ଦ୍ରବ୍ୟକୁ କରମୁକ୍ତ କରାଯାଇଛି କିମ୍ବା ସର୍ବନିମ୍ନ 5 ପ୍ରତିଶତ କରହାରରେ ରଖାଯାଇଛି । ହସ୍ତଶିଳ୍ପ ପ୍ରସ୍ତୁତ ଦ୍ରବ୍ୟ ସମେତ ଅନେକ ଦ୍ରବ୍ୟରୁ କରହାର ହ୍ରାସ କରାଯାଇଛି । ଦ୍ରବ୍ୟ ଓ ସେବାକର ପରିଷଦର ନିଷ୍ପତ୍ତି ପ୍ରକ୍ରିୟାରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଜି.ଏସ୍.ଟି କ୍ଷତିପୂରଣ ନିମନ୍ତେ 2015-16 ଆର୍ଥିକ ବର୍ଷର ଟିକସ ସଂଗ୍ରହକୁ ମୂଳ ବର୍ଷ ରୂପେ ଗ୍ରହଣ କରାଯାଇଛି ଏବଂ ପ୍ରତି ବର୍ଷ 14 ପ୍ରତିଶତ ଅଭିବୃଦ୍ଧି ହାରରେ କ୍ଷତିପୂରଣ ପରିମାଣ ନିରୂପଣ କରାଯାଇଛି, ପ୍ରତି ଦୁଇ ମାସରେ ରାଜ୍ୟ କ୍ଷତିପୂରଣ ପାଉଛି । ପାରାଦ୍ୱୀପ ତୈଳ ବିଶୋଧାନଗାର ନିମନ୍ତେ ଆର୍ଥିକ ସହାୟତା ସମ୍ବନ୍ଧରେ ଆଇ.ଓ.ସି.ଏଲ ସହିତ କଥାବାର୍ତ୍ତା କରି ବକେୟା କର ସହିତ ମୂଲ୍ୟଯୁକ୍ତ କର ରାଜସ୍ୱ ପାଇବାରେ ଆମେ ସଫଳ ହୋଇଛୁ ।

ସାମଗ୍ରୀକଭାବେ ଟିକସ ଓ ଅଣ ଟିକସ ରାଜସ୍ୱରେ ଅଭିବୃଦ୍ଧି ଜାରି ରହିଛି ଏବଂ 2018-19 ଆର୍ଥିକ ବର୍ଷରେ କିଛି ନୂଆ ଟିକସ ବସେଇବାକୁ ଆମେ ପ୍ରସ୍ତାବ ରଖିନାହୁଁ ।

**ପ୍ରମୁଖ ପ୍ରାଥମିକତା**

**12.** ଏହି ବଜେଟ୍ ମାନବ ସଂବଳ ବିକାଶ, ଭୌତିକ ଓ ସାମାଜିକ ଭିତ୍ତିଭୂମି, ବିଶେଷତଃ ମହିଳା, ଅନୁସୁଚୀତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସଂଖ୍ୟାଲଘୁ ସଂପ୍ରଦାୟ, ଦିବ୍ୟାଙ୍ଗ ଏବଂ ଅବହେଳିତ ମାନଙ୍କର ଦ୍ରୁତ ଓ ସାମଗ୍ରିକ ଉନ୍ନତି ଏବଂ ଯୁବକ, ମହିଳା, ବରିଷ୍ଠ ନାଗରିକଙ୍କ ସଶକ୍ତିକରଣ ପାଇଁ ଗୁରୁତ୍ୱ ଅରୋପ କରୁଛି । ବର୍ତ୍ତମାନ ମୁଁ ଏହି ବଜେଟର ମୁଖ୍ୟଦିଗ ଗୁଡିକ ଉପରେ ଆଲୋକ ପାତ କରିବାକୁ ଯାଉଛି ।

**ଶିକ୍ଷା ଓ ଦକ୍ଷତା ଉନ୍ନୟନ**

**13.** ଶିକ୍ଷା ଓ ଦକ୍ଷତା ବୃଦ୍ଧି ମାନବ ବିକାଶର ମୁଖ୍ୟ ଉତ୍ସ, ଏହି କ୍ଷେତ୍ରରେ ଆମେ ସବୁଠୁ ଅଧିକ **19 ହଜାର 678 କୋଟି ଟଙ୍କା** ବ୍ୟୟ ବରାଦ କରିବାକୁ ପ୍ରସ୍ତାବ ରଖିଛୁ ।

**14.** ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଗୁଣାତ୍ମକ ମାନବୃଦ୍ଧି ପାଇଁ ଆମେ ଅଙ୍ଗୀକାରବଦ୍ଧ । ବିଦ୍ୟାଳୟର ଭିତ୍ତିଭୂମି, ପିଲାଙ୍କୁ ବିଭିନ୍ନ ସୁବିଧା ପ୍ରଦାନ, ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଏବଂ ପିତାମାତା ଓ ଗୋଷ୍ଠୀର ସଂପୃକ୍ତି, ବିଦ୍ୟାଳୟ ଶିକ୍ଷାରେ ପରିବର୍ତ୍ତନ ଆଣିପାରିବ । ସରକାରୀ ଏବଂ ବେସରକାରୀ

ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ବିଭିନ୍ନ ବର୍ଗର ଶିକ୍ଷକଙ୍କର ପାରିଶ୍ରମିକ ସଂପର୍କିତ ଅଧିକାଂଶ ସମସ୍ୟା ଆମେ ସମାଧାନ କରିଛୁ ଏବଂ ସେଥିପାଇଁ ବିପୁଳ ଅର୍ଥ ବ୍ୟୟକରିବାକୁ ପଡୁଛି । ଆମେ ଆଶାକରୁଛୁ ଯେ, ସେମାନେ ଏକ ସକାରାତ୍ମକ ଶିକ୍ଷାର ବାତାବରଣ ସୃଷ୍ଟି କରିବେ । ଆମେ ମଧ୍ୟ ବହୁ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରିଛୁ । ବିଦ୍ୟୁତୀକରଣ, ରୋଷେଇଘର, ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ LPG ବ୍ୟବସ୍ଥା, ପାନୀୟ ଜଳର ସୁବିଧା, ପାଇଖାନା, ଆସବାବ ପତ୍ର ଏବଂ ବିଦ୍ୟାଳୟ ଗୃହର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବାକୁ ବିଭିନ୍ନ ବିଭାଗର ସେବା ବିନିଯୋଗ ହେବ ।

**15.** ସର୍ବଶିକ୍ଷା ଅଭିଯାନ, ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ପାଇଁ ଯଥାକ୍ରମେ **1 ହଜାର 800 କୋଟି ଟଙ୍କା, 808 କୋଟି** ଏବଂ **500 କୋଟି ଟଙ୍କା** ବ୍ୟବସ୍ଥା କରିବାକୁ ମୁଁ ପ୍ରସ୍ତାବ ରଖୁଛି । ଏଥିସହିତ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇଖର୍ଚ୍ଚ ତୁଲେଇବାକୁ 85 କୋଟି ଟଙ୍କାର ସରକାରୀ ସହାୟତା ପ୍ରଦାନ କରାଯିବ । **ଗଙ୍ଗାଧର ମେହର ଶିକ୍ଷାମାନକ ବୃଦ୍ଧି ଯୋଜନା (GMSMY)** ଅଧୀନରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାଗଣା ସ୍କୁଲ ବ୍ୟାଗ୍, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ବହି, ଯୋତା ସମେତ ସ୍କୁଲ ୟୁନିଫର୍ମ ଏବଂ ସରକାରୀ ଓ ବେସରକାରୀ ଅନୁଦାନ ପ୍ରାପ୍ତ ନବମ ଶ୍ରେଣୀ, ସଂସ୍କୃତ ଟୋଲ ଏବଂ ମଦ୍ରାସାରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ସାଇକେଲ ପ୍ରଦାନ କରିବାକୁ **309 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରହିଛି ।

**16.** ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ୍ରମେ ପ୍ରତି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବା ଦ୍ଵାରା ରାଜ୍ୟର 21ଟି ଜିଲ୍ଲାରେ 160ଟି ବିଦ୍ୟାଳୟ ଚାଲୁରହିଛି ଏବଂ 40 ହଜାର ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । 2018-19 ରେ ଓଡିଶା ଆଦର୍ଶ ବିଦ୍ୟାଳୟ ଯୋଜନା ଅଧୀନରେ 30ଟି ଅଧିକ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବାକୁ ଆମେ ପ୍ରସ୍ତାବ ରଖୁଛୁ । ବିଦ୍ୟାଳୟର ସ୍ଥାପନା ଓ ପରିଚାଳନା ଖର୍ଚ୍ଚ ପାଇଁ ମୁଁ **250 କୋଟି ଟଙ୍କା**ର ବ୍ୟୟବରାଦ ପାଇଁ ପ୍ରସ୍ତାବ ରଖୁଛି । 2018-19 ରେ ରାଜ୍ୟ ସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ **6 କୋଟି ଟଙ୍କା**ର ବ୍ୟୟ ଅଟକଳ କରାଯାଉଛି । ପୁନଶ୍ଚ, ଭୁବନେଶ୍ଵରର ସୈନିକ ସ୍କୁଲ ପାଇଁ **3 କୋଟି ଟଙ୍କା**ର ଅନୁଦାନ ପାଇଁ ପ୍ରସ୍ତାବ ରଖୁଛି ।

**17.** ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରୋତ୍ସାହନ ନିମନ୍ତେ, ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି ଯୋଜନା ଅଧୀନରେ **40 ହଜାର** ସଫଳ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରିବାକୁ ପ୍ରସ୍ତାବ ରଖାଯାଇଛି । ପ୍ରତ୍ୟେକ ସଫଳ ଛାତ୍ରଛାତ୍ରୀଙ୍କୁ **ଏକକାଳୀନ 5 ହଜାର ଟଙ୍କା** ବୃତ୍ତି ପ୍ରଦାନ କରାଯିବ । ମାଧ୍ୟମିକ ଶିକ୍ଷା ପରିଷଦ ଦ୍ଵାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋତ୍ତମ ଫଳ ପ୍ରଦର୍ଶନ କରିଥିବା ପ୍ରତି ବ୍ଲକର ତିନୋଟି ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସ୍କୁଲ ପିଛା ନଗଦ **1 ଲକ୍ଷ ଟଙ୍କା** ପୁରସ୍କାର ରାଶି ପ୍ରଦାନ କରାଯିବ । ଏତଦ୍‌ବ୍ୟତୀତ, ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରତି ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଦଶଜଣ ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯିବ ।

**18.** ମାଧ୍ୟମିକ ବିଦ୍ୟାଳୟମାନଙ୍କର ଭିତ୍ତିଭୂମିର ଉନ୍ନତି ପାଇଁ "**ମୋ ସ୍କୁଲ ଅଭିଯାନ**" ଯୋଜନା ରାଜ୍ୟର ଜନସାଧାରଣ ଏବଂ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ନିୟୋଜିତ କରି ଆରମ୍ଭ କରାଯାଇଛି । ଏହି ଯୋଜନାରେ ସରକାର ଜନସାଧାରଣଙ୍କ ପ୍ରଦତ୍ତ ରାଶିର ଦୁଇଗୁଣ ପ୍ରଦାନ କରି ବିଜ୍ଞାନାଗାର, ପାଠାଗାର ଓ କ୍ରୀଡାର ବିକାଶ କରିବେ । ଏଥିପାଇଁ ପ୍ରାଥମିକ ସହାୟତା ଭାବେ **50 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**19.** ରାଜ୍ୟର ସମସ୍ତ 30ଟି ଜିଲ୍ଲାର 344 କେନ୍ଦ୍ରରେ **ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ(SIOS)** ଆରମ୍ଭ କରାଯାଇଛି । ଏଥିରେ ପ୍ରାୟ 50 ହଜାର ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ଏବଂ 29 ହଜାର ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରମାଣପତ୍ର ପାଇଛନ୍ତି । 2018-19 ଆର୍ଥିକ ବର୍ଷରେ 30 ହଜାର ଛାତ୍ରଛାତ୍ରୀ ନାମ ଲେଖାଇବେ ବୋଲି ଆଶା କରାଯାଉଛି ।

**20.** ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଓ ଦକ୍ଷତା ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇଆସିଛନ୍ତି । ପ୍ରାୟ 5 ଲକ୍ଷ 50 ହଜାର ଛାତ୍ରଛାତ୍ରୀଙ୍କୁ 7 ହଜାର 300 ଟି ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରାବାସରେ ଶିକ୍ଷା, ରହିବାର ବ୍ୟବସ୍ଥା, ଖାଦ୍ୟ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଉଛି, ଯାହାକି ସର୍ବ ଭାରତୀୟ ସ୍ତରରେ ଏକ ବୃହତ୍ତମ କାର୍ଯ୍ୟକ୍ରମ । ଅନୁସୂଚୀତ ଜନଜାତି ଛାତ୍ରୀମାନଙ୍କ ଛାତ୍ରୀ ନିବାସ ଓ ସହରାଞ୍ଚଳରେ ଛାତ୍ର ଓ ଛାତ୍ରୀନିବାସ ନିର୍ମାଣ

ପାଇଁ **200 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଅନ୍ୟାନ୍ୟ ପଛୁଆବର୍ଗ ଓ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ **100** ଟି ଛାତ୍ରାବାସ ବା ଛାତ୍ରୀନିବାସ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି ଯେଉଁଥିରେ **30 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରହିଛି ।

**21.** ଅନୁସୂଚୀତ ଜାତି, ଜନଜାତି ଅନ୍ୟାନ୍ୟ ପଛୁଆବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ରଛାତ୍ରୀମାନଙ୍କୁ Pre-matric ଏବଂ Post-matric ଛାତ୍ରବୃତ୍ତି  ଦିଆଯାଉଛି । ବିଭିନ୍ନ ବର୍ଗର ପ୍ରାୟ 17 ଲକ୍ଷ ଛାତ୍ରଛାତ୍ରୀ Pre-matric ବୃତ୍ତି ଓ 5 ଲକ୍ଷ 40 ହଜାର ଛାତ୍ରଛାତ୍ରୀ Post-matric ବୃତ୍ତି ପାଉଛନ୍ତି । ଏତଦ୍‌ବ୍ୟତୀତ, **ଓଡିଶା ବାଳିକା ପ୍ରୋତ୍ସାହନ ଯୋଜନା** ଅଧିନରେ 2 ଲକ୍ଷ 50 ହଜାରରୁ ଅଧିକ ଛାତ୍ରୀ Pre-matric ବୃତ୍ତି ପାଉଛନ୍ତି । ଏହି ସବୁ ବୃତ୍ତି ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଦେୟ ହସ୍ତାନ୍ତର (**DBT**) ପ୍ରକ୍ରିୟାରେ ପ୍ରେରଣା ପୋର୍ଟାଲ ମାଧ୍ୟମରେ ଜମା କରାଯାଉଛି । ଏଥିପାଇଁ **1** ହଜାର **375 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରହିଛି ।

**22.** ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ସହାରାଞ୍ଚଳର ସର୍ବୋତ୍ତମ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ଟ୍ୟୁସନ୍ ଫି ସମେତ ସ୍କୁଲ ପୋଷାକ, ବହି, ଯାତାୟତ, ଖାଦ୍ୟ ଓ ରହିବା ଖର୍ଚ୍ଚ ବାବଦରେ **"ଅନ୍ୱେଷା"** ଯୋଜନାରେ **39 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**23.** ଗୁଣାତ୍ମକ ଉଚ୍ଚ ଶିକ୍ଷା ଏକ ଶିକ୍ଷିତ ସମାଜକୁ ଗଢିବାରେ ଏବଂ ଯୁବକ ଯୁବତୀମାନଙ୍କ ପାଇଁ ଉଚ୍ଚମାନର ନିଯୁକ୍ତି ପ୍ରଦାନ ପାଇଁ ଆବଶ୍ୟକ । ବିଗତ 18 ବର୍ଷରେ ଶିକ୍ଷା ଦୃଷ୍ଟିରୁ ରାଜ୍ୟର ଅନଗ୍ରସର ଜିଲ୍ଲାମାନଙ୍କରେ ୫ ଟି ନୂଆ ଆଦର୍ଶ ଡିଗ୍ରୀସ୍ତରୀୟ ମହାବିଦ୍ୟାଳୟ, ସମ୍ବଲପୁରରେ ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟ, ରମାଦେବୀ ମହିଳା ମହାବିଦ୍ୟାଳୟରେ ସ୍ଥାପିତ ମହିଳା ବିଶ୍ୱ ବିଦ୍ୟାଳୟ ସମେତ ରାଜ୍ୟର ବର୍ତ୍ତମାନର 6 ଟି ବିଶ୍ୱ ବିଦ୍ୟାଳୟ ବ୍ୟତୀତ 10 ଟି ଅଧିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଏତଦ୍‌ବ୍ୟତୀତ, 5 ଟି ଘରୋଇ ବିଶ୍ୱବିଦ୍ୟାଳୟ, 3 ଟି ଉନ୍ନିତ ବିଶ୍ୱ ବିଦ୍ୟାଳୟ ଏବଂ ସର୍ବ ଭାରତୀୟ ସ୍ତରୀୟ ପ୍ରତିଷ୍ଠାନ ଯଥା – IIT,IIIT, NLU, NISER, IIM, NIT, ଓ NIFT ଗଢି ଉଠିବା ଫଳରେ ଓଡିଶା ଶିକ୍ଷାର ଜ୍ଞାନପୁଞ୍ଜରେ ପରିଣତ ହୋଇଛି ।

**24.** ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଭିତ୍ତିଭୂମିର ବିକାଶ ପାଇଁ **182 କୋଟି ଟଙ୍କା**, ଲାପଟପ୍ ବିତରଣ, ବୃତ୍ତି ସମ୍ପର୍କିତ ପରାମର୍ଶ ଏବଂ ପ୍ରଶିକ୍ଷଣ ଉଦ୍ଦେଶ୍ୟରେ **42 କୋଟି ଟଙ୍କା** ଏବଂ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ **53 କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ରଖିଛୁ । **"ଆକାଂକ୍ଷା"** ଯୋଜନାରେ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷା ଚାଲୁ ରଖିବା ପାଇଁ ନଗରାଞ୍ଚଳରେ ଛାତ୍ରାବାସ ନିର୍ମାଣ ନିମନ୍ତେ ଆବଶ୍ୟକୀୟ ଅର୍ଥର ବ୍ୟୟବରାଦ କରାଯାଉଛି ।

**25.** ମୁଁ **"ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ" (RUSA)** ଯୋଜନା ପାଇଁ 200 କୋଟି ଟଙ୍କାର ବ୍ୟୟବରାଦ କରୁଛି । ଏଥିରେ 40 ପ୍ରତିଶତ ରାଜ୍ୟ ଅଂଶ ଅନ୍ତର୍ଭୁକ୍ତ । ଅତିରିକ୍ତ ଭାବେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର ଅଂଶ ଭାବରେ ବୈଷୟିକ ଶିକ୍ଷା ନିମନ୍ତେ **23 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

**26.** ରାଜ୍ୟର ଉଚ୍ଚ ଶିକ୍ଷା ବ୍ୟବସ୍ଥାର ସୁଦୃଢୀକରଣ ଓ ମନୋନୀତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକୁ ଉତ୍କର୍ଷ କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ "**Odisha Higher Education Programme for Excellence and Equity (OHEPEE)**" କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ନିମନ୍ତେ ପାଞ୍ଚ ବର୍ଷ ପାଇଁ 1 ହଜାର 20 କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । 2018-19 ଆର୍ଥିକ ବର୍ଷରେ **150 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି ।

**27.** ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ, ଦକ୍ଷତା ବିକାଶର ରୂପରେଖରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି । ଆମେ ରାଜ୍ୟରେ ତାଲିମ ପ୍ରାପ୍ତ ଯୁବକ ଯୁବତୀମାନଙ୍କ ପାଇଁ ଏକ ଉଚ୍ଚାଭିଳାଷୀ (**Skilled in Odisha**) ପରିଚୟ ସମ୍ଭାବ୍ୟ ନିଯୁକ୍ତିଦାତାଙ୍କ ନିକଟରେ ସୃଷ୍ଟି କରିବାକୁ ଚାହୁଁଛୁ । ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, ପଲିଟେକନିକ୍ ଓ ITI ଗୁଡିକର ଭିତ୍ତିଭୂମି ବିକାଶପାଇଁ **280 କୋଟି ଟଙ୍କାର**

ବ୍ୟୟବରାଦ କରାଯାଇଛି । **ଓଡିଶା ରାଜ୍ୟ ଆତ୍ମନିଯୁକ୍ତି ମିଶନ** ଏବଂ **ଆଇ.ଟି.ଆଇ ଜରିଆରେ ଯୁବକଯୁବତୀଙ୍କ ଦକ୍ଷତା ବୃଦ୍ଧି** ପାଇଁ **19 କୋଟି ଟଙ୍କା** ଯୋଗାଇ ଦିଆଯିବ । ବୈଷୟିକ ବିଶ୍ୱ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟମାନଙ୍କୁ ଅନୁଦାନ ଆକାରରେ **125 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି ।

**28.** ନିଯୁକ୍ତିରେ ସଂସ୍ଥାପନ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନିଯୁକ୍ତି ମେଳା, ଦକ୍ଷତା ବିକାଶ କେନ୍ଦ୍ରର ପ୍ରତିଷ୍ଠା ପ୍ରଭୃତି ମୁଖ୍ୟ କାର୍ଯ୍ୟକ୍ରମ । 2014-15 ଆର୍ଥିକ ବର୍ଷଠାରୁ ବିଭିନ୍ନ ବିଭାଗ ମାଧ୍ୟମରେ ପ୍ରାୟ 8 ଲକ୍ଷ 50 ହଜାର ଯୁବକ ଯୁବତୀମାନଙ୍କୁ "**ମୁଖ୍ୟମନ୍ତ୍ରୀ ନିଯୁକ୍ତି ଯୋଜନା**" (**Chief Minister's Employment Generation Programme-CMEGP**) ଅଦ୍ୟାବଧି ଅନ୍ତର୍ଭୁକ୍ତ କରାଯାଇଛି । 2018-19 ଆର୍ଥିକ ବର୍ଷ ପାଇଁ 2 ଲକ୍ଷ 50 ହଜାର ଯୁବକ ଯୁବତୀଙ୍କର ବିଭିନ୍ନ ବିଭାଗ ମାଧ୍ୟମରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ନିମନ୍ତେ ଏକ ଯୋଜନା ହାତକୁ ନିଆଯାଇଛି ।

**ସ୍ୱାସ୍ଥ୍ୟ**

**29.** ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଆମ ରାଜ୍ୟ ଶିଶୁ ମୃତ୍ୟୁ ହାର ହ୍ରାସ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-4 ଅନୁସାରେ, 2005-06 ଆର୍ଥିକ ବର୍ଷରେ ରାଜ୍ୟରେ ଶିଶୁ ମୃତ୍ୟୁହାର 65 ଥିଲାବେଳେ 2015-16 ରେ ଏହା 40 କୁ ହ୍ରାସ ପାଇଛି, ଯାହାକି ସର୍ବଭାରତୀୟ ସ୍ତରର ଶିଶୁ ମୃତ୍ୟୁହାରଠାରୁ

କମ୍ । **ଶିଶୁ ଓ ମାତୃ ମୃତ୍ୟୁହାର ସମ୍ପୂର୍ଣ୍ଣ ନିରାକରଣ ଯୋଜନା** (**SAMPURNA**), ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ ଥିବା 15 ଟି ଜିଲ୍ଲାରେ ଶିଶୁ ଓ ମାତୃ ମୃତ୍ୟୁହାରକୁ ଦୃତ ହ୍ରାସ କରିବା ପାଇଁ ଏକ ଲକ୍ଷ୍ୟ ଭିତ୍ତିକ ହସ୍ତକ୍ଷେପ । ଏହି ଯୋଜନା ନିମନ୍ତେ **52 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

**30.** ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିର ବିକାଶ ପାଇଁ ବ୍ୟାପକ ଭାବରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି ଯୋଜନା ପାଇଁ **700 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ **Ambulance**, ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି ଯୋଗାଇଦେବା ପାଇଁ **1 ହଜାର 370 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**31.** ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଡାକ୍ତର ମାନଙ୍କର ଅଭାବକୁ ପୂରଣ କରିବାପାଇଁ ତୃତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବା ସୁବିଧାର ଉନ୍ନତି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ 7ଟି ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାପାଇଁ ସାହସିକ ପଦକ୍ଷେପ ନେଇଛନ୍ତି । ଏଥିମଧ୍ୟରୁ 2ଟି ଭେଷଜ ମହାବିଦ୍ୟାଳୟ କୋରାପୁଟ୍ ଓ ବାରିପଦାରେ ପ୍ରତିଷ୍ଠା କରାଯାଇ 100ଟି ଲେଖାଏଁ ସ୍ନାତକ ସ୍ତରରେ ନାମଲେଖା ହୋଇଛି । ବାଲେଶ୍ୱର ଓ ବଲାଙ୍ଗୀରରେ 2ଟି ଭେଷଜ ମହାବିଦ୍ୟାଳୟ ଖୁବ ଶୀଘ୍ର

କାର୍ଯ୍ୟକ୍ଷମ ହେବ । ନୂତନ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠାପାଇଁ **365 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**32.** ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ ସହାୟକ ମାନଙ୍କର ଅତିରିକ୍ତ ପଦବୀ ସୃଷ୍ଟି, ଅଞ୍ଚଳ ଆଧାରରେ ଡାକ୍ତର ଏବଂ ଭେଷଜ ଡାକ୍ତରୀ ଶିକ୍ଷକ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା, ଚୁକ୍ତି ଭିତ୍ତିକ ଡାକ୍ତର ମାନଙ୍କପାଇଁ କର୍ପସ ପାଣ୍ଠିର ଗଠନ ଆଦି ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । କର୍କଟ ରୋଗୀମାନଙ୍କର ବିନାଦେୟରେ ଚିକିତ୍ସାପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଡାକ୍ତର ଓ ନର୍ସ ମାନଙ୍କ ମାଧ୍ୟମରେ **Chemotherapy** ଚିକିତ୍ସା ଯୋଗାଇ ଦିଆଯାଉଛି । ଜିଲ୍ଲାସ୍ତରରେ ରେଡିଓ ଥେରାପୀ ଚିକିତ୍ସା ପର୍ଯ୍ୟାୟକ୍ରମେ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି ।

**33.** "**ନିରାମୟ**" ଯୋଜନା ମାଧ୍ୟମରେ ରୋଗୀମାନଙ୍କୁ ମାଗଣା ଔଷଧ ଯୋଗାଇବାପାଇଁ ଏହି କ୍ଷେତ୍ରରେ ବ୍ୟୟବରାଦକୁ **304 କୋଟି ଟଙ୍କା**କୁ ବୃଦ୍ଧି କରାଯାଇଛି । ଏବେ "**ସହାୟ**" ଯୋଜନାରେ ମାଗଣା **Dialysis** ସେବା ଓ "**ନିଦାନ**" ମାଧ୍ୟମରେ ମାଗଣ ରୋଗ ନିରୂପଣ ସେବା ଆରମ୍ଭ କରାଯାଇଛି । ଏହି ପଦକ୍ଷେପ ରାଜ୍ୟର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସ୍ୱଅର୍ଜିତ ଆୟ ଜନିତ ବ୍ୟୟ ହ୍ରାସ କରିବାରେ ସହାୟକ ହେବ ।

**34.** ବିଦ୍ୟାଳୟରେ ପଢୁଥିବା କିଶୋରୀ ବାଳିକା ମାନଙ୍କର ଓ ସମାଜର ମହିଳା ଓ ବାଳିକା ମାନଙ୍କର ଋତୁସ୍ରାବ କାଳୀନ ସ୍ୱାସ୍ଥ୍ୟରକ୍ଷା, ସେମାନଙ୍କର

ସମ୍ମାନ, ଆତ୍ମବିଶ୍ୱାସ ଓ ସଶକ୍ତିକରଣ ପାଇଁ ଅପରିହାର୍ଯ୍ୟ । କିଶୋରୀ ବାଳିକା ଓ ମହିଳା ମାନଙ୍କର ଋତୁସ୍ରାବ କାଳୀନ ସ୍ୱାସ୍ଥ୍ୟରକ୍ଷାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ "**ଖୁସି**" ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନା ଅଧିନରେ ରାଜ୍ୟର ସରକାରୀ ଓ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ଥିବା ଛାତ୍ରୀମାନଙ୍କ ପାଇଁ ବିନା ମୂଲ୍ୟରେ "**Sanitary Napkin**" ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏହା ସହିତ ବିଭିନ୍ନ ଗୋଷ୍ଠୀର ଅନ୍ୟ ବାଳିକା ଓ ମହିଳା ମାନଙ୍କୁ ରିହାତି ଦରରେ "**Sanitary Napkin**" ବିକ୍ରିର ବହୁଳ ପ୍ରସାର ପାଇଁ 2018-19 ଆର୍ଥିକ ବର୍ଷରେ **50 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**35.** ଆମର ପ୍ରିୟ ମୁଖ୍ୟମନ୍ତ୍ରୀ **ସାର୍ବଜନୀନ ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ - ସୁନେତ୍ର** ପାଇଁ 5 ବର୍ଷରେ 682 କୋଟି ଟଙ୍କାର ବ୍ୟୟ ଅଟକଳର ଘୋଷଣା କରିଛନ୍ତି ଓ 2018-19ରେ ଏହି କାର୍ଯ୍ୟକ୍ରମ ପାଇଁ **87 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ରହିଛି । ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ମାନଙ୍କରେ ଆନୁସଙ୍ଗିକ ସେବା ଯଥା ପରିମଳ, ସ୍ୱାସ୍ଥ୍ୟରକ୍ଷା ଓ ନିରାପତ୍ତାର ମାନ ବୃଦ୍ଧି ପାଇଁ 2018-19 ଆର୍ଥିକ ବର୍ଷରେ "**ନିର୍ମଳ**" ଯୋଜନାରେ **70 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । "**Digital Health**" କାର୍ଯ୍ୟକ୍ରମ ନବରଙ୍ଗପୁର ମଡେଲ ଆଧାରରେ **10 କୋଟି ଟଙ୍କା** ବ୍ୟୟରେ ଅନ୍ୟ ଜିଲ୍ଲାକୁ ସମ୍ପ୍ରସାରିତ ହେବ । ସ୍ୱାସ୍ଥ୍ୟ ସେବା ପୁଞ୍ଜି ପ୍ରୋତ୍ସାହନ ନୀତି ମାଧ୍ୟମରେ 11ଟି ଅନଗ୍ରସର ଜିଲ୍ଲାରେ ଘରୋଇ ଭାଗିଦାରୀରେ ସ୍ୱାସ୍ଥ୍ୟସେବାର ବିକାଶ କରାଯିବ ।

**36.** ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ରୂପରେଖ ସ୍ଥିର ହେବା ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା (RSBY) ଯୋଜନା ଚାଲୁରହିବ । "**ରାଜ୍ୟ କର୍ମଚାରୀ ବୀମା ଯୋଜନା**" ପ୍ରାୟ 4 ଲକ୍ଷ ବୀମା ଭୁକ୍ତ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟଗତ ସୁବିଧା ପ୍ରଦାନ କରିଥାଏ । ଏହି ଯୋଜନା ପାଇଁ **71 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ସଡକ ଦୁର୍ଘଟଣାରେ ଆକସ୍ମିକ ଦୁର୍ଘଟଣା ଜନିତ ମୃତ୍ୟୁହାର ହ୍ରାସ କରିବା ପାଇଁ 9 ଟି "**Trauma Care Centre**" ପ୍ରତିଷ୍ଠା କରାଯାଉଅଛି ।

**37.** ଆପଣମାନେ ଜାଣି ଖୁସି ହେବେ ଯେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବ୍ୟୟ ଅଟକଳ 2018-19 ଆର୍ଥିକ ବର୍ଷରେ **6 ହଜାର 160 କୋଟି ଟଙ୍କା**କୁ ବୃଦ୍ଧି କରାଯାଇଛି ।

**ପାନୀୟ ଜଳ ଓ ପରିମଳ**

**ମାନ୍ୟବର ବାଚସ୍ପତି ମହୋଦୟ !**

**38.** ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶ କ୍ରମେ ରାଜ୍ୟର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବା ସରକାରଙ୍କର ଏକ ପ୍ରମୁଖ ପ୍ରାଥମିକତା । 2000 ମସିହାରେ ଗ୍ରାମାଞ୍ଚଳର 4 ଲକ୍ଷ ଅଧିବାସୀଙ୍କୁ ଏବଂ ସହରାଞ୍ଚଳର 31 ଲକ୍ଷ ଅଧିବାସୀଙ୍କୁ ପାଇପ୍ ଦ୍ୱାରା ଜଳ ଯୋଗାଇ ଦିଆଯାଉଥିବାବେଳେ, ବିଗତ 17 ବର୍ଷ ଭିତରେ ସରକାର ଗ୍ରାମାଞ୍ଚଳରେ 150 ଲକ୍ଷ ଓ ସହରାଞ୍ଚଳରେ 66 ଲକ୍ଷ ଅଧିବାସୀଙ୍କୁ ପାଇପ୍ ଦ୍ୱାରା ଜଳ

ଯୋଗାଇ ପାରିଛନ୍ତି । 2018-19 ଆର୍ଥିକ ବର୍ଷରେ ଆମେ ଗ୍ରାମାଞ୍ଚଳରେ ଅଧିକ 10 ପ୍ରତିଶତ ପାଇପ୍ ଦ୍ୱାରା ଜଳ ଯୋଗାଇବାକୁ ଯୋଜନା କରୁଛୁ ।

**39.** 113 ଟି ପୌରାଞ୍ଚଳ ନିକାୟ ସଂସ୍ଥାର ସମସ୍ତ ୱାର୍ଡକୁ 546 ପ୍ରକଳ୍ପ ଜରିଆରେ 591 କୋଟି ଟଙ୍କାର ପୁଞ୍ଜି ନିବେଶ ମାଧ୍ୟମରେ ପାଇପ୍ ପାନୀୟ ଜଳ ଯୋଗାଣ କରିବାକୁ ପ୍ରାକ୍ ଯୋଜନା କରାଯାଉଛି । ଆମେ 44 ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିସାରିଛୁ ଏବଂ ଅବଶିଷ୍ଟ 502 ପ୍ରକଳ୍ପ ମାର୍ଚ୍ଚ 2019 ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛୁ । ଏହି ପୁଞ୍ଜି ନିବେଶ ଫଳରେ 1498 କିଲୋମିଟର ପାଇପ୍ ନେଟ୍‌ୱାର୍କ ସୃଷ୍ଟି ହେବ ଏବଂ 70 ଲକ୍ଷ ସହରାଞ୍ଚଳ ଅଧିବାସୀ ବିଶୁଦ୍ଧ ପାଇପ୍ ଜଳଯୋଗାଣ ସୁବିଧା ପାଇପାରିବେ । ଜଳ ପରୀକ୍ଷା ନିଶ୍ଚିତ କରିବାକୁ ଗୋଟିଏ ରାଜ୍ୟସ୍ତରୀୟ ଏବଂ 8 ଟି ଆଞ୍ଚଳିକ ପରୀକ୍ଷାଗାର ସରକାରୀ ବେସରକାରୀ ଭାଗୀଦାରିରେ ପ୍ରତିଷ୍ଠା ହୋଇଛି, ଯାହା ଦେଶରେ ପ୍ରଥମ ଅଟେ ।

**40.** ଗତ ବର୍ଷ ପାଇକ ବିଦ୍ରୋହର 200 ବର୍ଷ ପୂର୍ତ୍ତି ଉପଲକ୍ଷେ ଆମେ ଜନବସତିରେ **ବକ୍ସି ଜଗବନ୍ଧୁ ନିଶ୍ଚିତ ଜଳଯୋଗାଣ** (**BASUDHA**) ଯୋଜନା ପ୍ରଣୟନ କରିଥିଲୁ । ଏହି ଯୋଜନା ଅଧୀନରେ ମୁଁ ଗ୍ରାମାଞ୍ଚଳ ଜଳଯୋଗାଣ ପାଇଁ **1 ହଜାର କୋଟି ଟଙ୍କା** ଏବଂ ସହରାଞ୍ଚଳ ଜଳଯୋଗାଣ ପାଇଁ **350 କୋଟି ଟଙ୍କା** 2018-19 ଆର୍ଥିକ ବର୍ଷ ପାଇଁ ବ୍ୟୟ ଅଟକଳ କରିବାକୁ ପ୍ରସ୍ତାବ ରଖିଛି ।

**41.** ବ୍ରହ୍ମପୁର ସହର ଓ 53 ଟି ଆଖପାଖ ଗ୍ରାମର ଜଳ ସମସ୍ୟା ଦୂର କରିବାକୁ ଜାନିଭିଲି ଜଳାଶ୍ରୟରୁ ଜଳଯୋଗାଣ ପାଇଁ EPC ମାଧ୍ୟମରେ **489 କୋଟି ଟଙ୍କା** ବ୍ୟୟରେ ଏକ ବୃହତ ଜଳଯୋଗାଣ ପ୍ରକଳ୍ପ କରାଯାଉଛି । ରାଉରକେଲା ଓ ସୁନ୍ଦରଗଡ ସହରକୁ ଜଳ ଯୋଗାଣ ପାଇଁ କୋଏଲ ଓ ଇବ୍ ନଦୀରେ ଦୁଇଟି ଆନିକଟ ନିର୍ମାଣ କରାଯିବ ।

**42.** ବିଗତ କିଛି ବର୍ଷ ହେଲା କେନ୍ଦ୍ର ସରକାରଙ୍କର **ଜାତୀୟ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଯୋଜନା (NRDWP)** ଅନ୍ତର୍ଗତ କେନ୍ଦ୍ରୀୟ ଅନୁଦାନରେ କୌଣସି ବୃଦ୍ଧି ଘଟିନାହିଁ । କେନ୍ଦ୍ର ଓ ରାଜ୍ୟ ଭିତରେ ସମଭାଗିଦାରି ଭିତ୍ତିରେ **300 କୋଟି ଟଙ୍କା** ଏହି ଯୋଜନାରେ ବ୍ୟୟ ଅଟକଳ କରିବାକୁ ପ୍ରସ୍ତାବ ରଖାଯାଇଛି ।

**43.** ବଜେଟ୍ ସମ୍ବଳ ସମେତ ବଜେଟ୍ ବର୍ହିଃଭୂତ ସମ୍ବଳ ବିନିଯୋଗ କରି ସମନ୍ୱୟ ଭିତ୍ତିରେ ଆମେ ଜଳଯୋଗାଣ ପ୍ରକଳ୍ପ କରୁଛୁ । ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଅନୁଦାନର 7 ଟି ଜିଲ୍ଲାର 645 ଗ୍ରାମକୁ ଜଳ ଯୋଗାଣ ପାଇଁ **550 କୋଟି ଟଙ୍କା**ର ବ୍ୟୟ ଅଟକଳ କରିବାକୁ ଆମେ ପ୍ରସ୍ତାବ ରଖିଛୁ । ଓଡିଶା ଖଣିଜ ସମ୍ପଦପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ (**Odisha Mineral Bearing Area Development Corporation-[OMBADC]**) ପାଣ୍ଠିରୁ 8 ଟି ଖଣିଜଦ୍ରବ୍ୟ ଥିବା ଜିଲ୍ଲାର 691 ପ୍ରତ୍ୟକ୍ଷଭାବେ ପ୍ରଭାବିତ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ ପାଇଁ **450 କୋଟି ଟଙ୍କା** ବ୍ୟୟ ଅଟକଳ କରାଯାଉଛି । ଏତଦ୍‌ବ୍ୟତୀତ, ଜିଲ୍ଲା ଖଣିଜ

ମୂଳପାଣ୍ଠି (**District Mineral Foundation**) ରୁ ବୃହତ୍ ଜଳଯୋଗାଣ ପ୍ରକଳ୍ପ କରାଯିବାକୁ ମଧ୍ୟ ପ୍ରସ୍ତାବ ରଖାଯାଇଛି । ଏହିପରି 2018-19 ଆର୍ଥିକ ବର୍ଷରେ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଗୁଡିକରେ ସର୍ବମୋଟ ପୁଞ୍ଜି ନିବେଶ ପ୍ରାୟ **3 ହଜାର କୋଟି ଟଙ୍କା** ହେବ ।

**44.** ଚତୁର୍ଦ୍ଦଶ ଅର୍ଥ କମିଶନ ଓ ଚତୁର୍ଥ ରାଜ୍ୟ ଅର୍ଥ କମିଶନରୁ ଅନୁଦାନ ମାଧ୍ୟମରେ ପଞ୍ଚାୟତ ଓ ପୌରପାଳିକାଙ୍କ ଦ୍ୱାରା ପାନୀୟ ଜଳଯୋଗାଣର କାର୍ଯ୍ୟାନ୍ୱୟନ ଓ ରକ୍ଷଣାବେକ୍ଷଣ ହେବ । ଅତିକମରେ ଏହି ଅନୁଦାନର 30 ପ୍ରତିଶତ ପାନୀୟ ଜଳଯୋଗାଣ ପାଇଁ ବ୍ୟୟ ହେବା ଆବଶ୍ୟକ । ମୋଟ ଉପରେ ମୁଁ ଜଳଯୋଗାଣ କାର୍ଯ୍ୟାନ୍ୱୟନ ଓ ରକ୍ଷଣାବେକ୍ଷଣ ନିମନ୍ତେ **509 କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ରଖିଛି ।

**45.** ଖୁବ୍ ଅଳ୍ପ ସଂଖ୍ୟକ ଶୌଚାଳୟରୁ, ଗ୍ରାମାଞ୍ଚଳର ପାଖାପାଖି 50 ପ୍ରତିଶତ ବାସଗୃହରେ ଶୌଚାଳୟ ନିର୍ମାଣ ହୋଇପାରିଛି । ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଗ୍ରାମାଞ୍ଚଳ ପାଇଁ **1 ହଜାର କୋଟି ଟଙ୍କା** ଏବଂ ସହରାଞ୍ଚଳ ପାଇଁ **200 କୋଟି ଟଙ୍କା**ର ପ୍ରସ୍ତାବ ରଖୁଛି ।

**ଗୃହନିର୍ମାଣ**

**46.** 2019 ସୁଦ୍ଧା ସମସ୍ତ ପରିବାର ପାଇଁ ଆମେ ପକ୍କା ଛାତର ବ୍ୟବସ୍ଥାକରିବାକୁ ପ୍ରତିଶ୍ରୁତିବଦ୍ଧ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ଦକ୍ଷ ନେତୃତ୍ୱରେ ଗ୍ରାମାଞ୍ଚଳରେ 15.5 ଲକ୍ଷ କଚାଘର ବିଜୁ ପକ୍କାଘର ଏବଂ ଅନ୍ୟାନ୍ୟ ଗ୍ରାମୀଣ ବାସଗୃହ ଯୋଜନାରେ ସମ୍ପୂର୍ଣ୍ଣ କରାଯାଇଛି ।

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର କାର୍ଯ୍ୟକାରିତାରେ ଉତ୍କୃଷ୍ଟ ସଫଳତା ପାଇଁ ଆମ ରାଜ୍ୟ ଓ ଏହାର 6 ଟି ଜିଲ୍ଲା ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛି । ସରକାରଙ୍କର ଅନ୍ୟତମ ମୁଖ୍ୟ ପ୍ରତିଶୃତିକୁ ସଫଳ କରିବାକୁ 2018 ଡିସେମ୍ବର ସୁଦ୍ଧା 20 ଲକ୍ଷ ପକ୍କାଘର ସଂପୂର୍ଣ୍ଣ କରିବାକୁ ଯୋଜନା କରିଛୁ । **ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା** ଏବଂ **ବିଜୁ ପକ୍କାଘର ଯୋଜନା**ର ସଂଯୋଜନ ମାଧ୍ୟମରେ ଆମେ **3 ହଜାର 592 କୋଟି ଟଙ୍କା** ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖିଛୁ ।

**47.** ଏହି ପବିତ୍ର ଗୃହ ଦ୍ୱାରା ପାରିତ **"ଓଡିଶା ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଅଧିନିୟମ, 2017"** ଓ **"ଓଡ଼ିଶା ମହାନଗର ନିଗମ (ସଂଶୋଧନ) ଅଧିନିୟମ, 2017"** ରାଜ୍ୟର ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଦେବାରେ ଦୁଇଟି ଐତିହାସିକ ବିଧେୟକ । ଏହି ଅଧିନିୟମ କାର୍ଯ୍ୟକାରୀ ହେବା ଫଳରେ ରାଜ୍ୟର ପ୍ରାୟ 3 ହଜାର ବସ୍ତିରେ ବାସ କରୁଥିବା 2 ଲକ୍ଷରୁ ଅଧିକ ବସ୍ତି ବାସିନ୍ଦାଙ୍କୁ ମୁଖ୍ୟତଃ ନିଜ ବାସସ୍ଥାନରେ ଭୂମି ଅଧିକାର ପ୍ରଦାନ କରାଯିବ । **ଅର୍ଥନୈତିକ ଦୁର୍ବଳ ଶ୍ରେଣୀ (EWS)** ବର୍ଗର ଭୂମି ପଟ୍ଟାଧାରୀ ବସ୍ତି ବାସିନ୍ଦାଙ୍କୁ ପକ୍କା ଘର ଯୋଗାଇ ଦେବାକୁ ପ୍ରସ୍ତାବ ରହିଛି । **ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY)** ସହିତ ସଂଯୋଜନାରେ 2015 ଅକ୍ଟୋବରରେ ଆମେ **ଓଡିଶା ସହରାଞ୍ଚଳ ବାସଗୃହ ମିଶନ (AWAAS)** ଆରମ୍ଭ କରିଛୁ । ଏହି ଯୋଜନାରେ ହିତାଧିକାରୀଙ୍କ ଦ୍ୱାରା 20 ହଜାର ବାସଗୃହ ନିର୍ମାଣ ଏବଂ

ସୁଲଭ ମୂଲ୍ୟରେ ବାସଗୃହ ଓ ବସ୍ତି ଉନ୍ନୟନ ଉପାଦାନରେ ଆମେ 5 ହଜାର ବାସଗୃହ, **400 କୋଟି ଟଙ୍କା** ବ୍ୟୟରେ ନିର୍ମାଣ କରିବାକୁ ପ୍ରସ୍ତାବ ରଖୁଛୁ ।

**48.** ବାସଗୃହ କ୍ଷେତ୍ରରେ ଏହି ବଜେଟ୍‌ରେ ଆମେ **3 ହଜାର 992 କୋଟି ଟଙ୍କା**ର ବ୍ୟୟବରାଦ କରିଛୁ । ଏହା ବ୍ୟତିରେକ, ଓଡିଶା ଖଣିଜ ସମ୍ପଦପୂର୍ଣ୍ଣ ଅଞ୍ଚଳ ଉନ୍ନୟନ ନିଗମ (ଓମ୍‌ବାଡସି), ଡି.ଏମ୍.ଏଫ୍. ଏବଂ ନିର୍ମାଣ ଶ୍ରମିକ ପାଣ୍ଠିର ସଂଯୋଜନା ମାଧ୍ୟମରେ ଅତିରିକ୍ତ ବାସଗୃହ ନିର୍ମାଣ କରାଯିବ ।

**ମହିଳା ଓ ଶିଶୁ ବିକାଶ**

**ମାନ୍ୟବର ବାଚସ୍ପତି ମହୋଦୟ !**

**49.** ମାନ୍ୟବର ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁଙ୍କ ବିକାଶ ଏବଂ ସଶକ୍ତିକରଣ ନିମନ୍ତେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । **ଅଭିନବ ମମତା (MAMATA)** ଯୋଜନା ଅଧୀନରେ 31 ଲକ୍ଷରୁ ଅଧିକ ହିତାଧୀକାରୀଙ୍କୁ 1300 କୋଟି ଟଙ୍କା ହସ୍ତାନ୍ତର ହୋଇଛି । ଏହି ସଫଳତାରେ ପ୍ରଭାବିତ ହୋଇ ଭାରତ ସରକାର ଗତବର୍ଷ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (**PMMVY**) ଘୋଷଣା କରିଛନ୍ତି । କିନ୍ତୁ ବିଭିନ୍ନ ସମସ୍ୟା ଯୋଗୁଁ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ସୁତରାଂ, ମମତା ଯୋଜନା ଅଧୀନରେ ଆମେ ପ୍ରଥମ 2 ଟି ପିଲା ଜନ୍ମ ପାଇଁ ଏହି ସୁବିଧା ଯୋଗାଇବା ଚାଲୁ ରଖିବୁ । 2018-19 ରେ ମମତା ଯୋଜନା ପାଇଁ **155 କୋଟି ଟଙ୍କା** ବ୍ୟବସ୍ଥା କରିବାକୁ ମୁଁ ପ୍ରସ୍ତାବ ରଖୁଛି । ଏହା ବ୍ୟତୀତ, **ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (PMMVY)** ରେ କେନ୍ଦ୍ର ରାଜ୍ୟ ଭିତରେ

60:40 ଅନୁପାତର ଭାଗିଦାରୀରେ **89 କୋଟି ଟଙ୍କା** ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖୁଛୁ ।

**50.** 6 ବର୍ଷ ବୟସରୁ କମ୍ ଶିଶୁ ଏବଂ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପୃଷ୍ଟିସାର ଏବଂ ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ଉଦ୍ଦେଶ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରଣୟନ କରାଯାଉଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ 60:40 ଅନୁପାତରେ ଅର୍ଥ ଯୋଗାଇ ଦେବେ । ଏଥିନିମନ୍ତେ **2 ହଜାର 35 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ପାଇଁ **62 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ଏବଂ କିଶୋରୀ ବାଳିକାଙ୍କ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଯୋଜନା ନିମନ୍ତେ **102 କୋଟି ଟଙ୍କା**ର ବ୍ୟୟବରାଦ କରାଯାଉଛି ।

**51.** ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନା ଅନ୍ତର୍ଗତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତି ଅଧୀନରେ ସେମାନଙ୍କର ସଂଘ ପାଇଁ **550 କୋଟି ଟଙ୍କା** ବ୍ୟବସ୍ଥା କରିବାକୁ ମୁଁ ପ୍ରସ୍ତାବ ରଖୁଛି । **ଆଇ.ସି.ଡି.ଏସ୍.** ର କାର୍ଯ୍ୟକାରିତା ପାଇଁ ଅତିରିକ୍ତ ରାଜ୍ୟ ସହାୟତା ବାବଦରେ **300 କୋଟି ଟଙ୍କା**ର ବ୍ୟବସ୍ଥା କରୁଛୁ । **ମାଳତିଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା**ରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କୁ ୟୁନିଫର୍ମ ଯୋଗାଇ ଦେବାକୁ **40 କୋଟି ଟଙ୍କା** ବ୍ୟୟବରାଦ କରୁଛୁ । କାର୍ଯ୍ୟରତ ମହିଳାମାନଙ୍କ ପାଇଁ ନିବାସ ନିର୍ମାଣ କରିବାକୁ ଆମେ 6 କୋଟି ଟଙ୍କା ବ୍ୟୟବରାଦ କରୁଛୁ । **HIV-AIDS** ଦ୍ୱାରା ଆକ୍ରାନ୍ତ

ପିତାମାତାଙ୍କ ପିଲାମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଉଦ୍ଦିଷ୍ଟ **ବିଜୁ ଶିଶୁ ସୁରକ୍ଷା ଯୋଜନା** ପାଇଁ **2 କୋଟି ଟଙ୍କା** ବ୍ୟୟବରାଦ କରୁଛୁ । ମୋଟାମୋଟି ଭାବେ ଏହି ବଜେଟ୍‌ରେ ମହିଳା ଓ ଶିଶୁ ବିକାଶ ପାଇଁ **3 ହଜାର 447 କୋଟି ଟଙ୍କା** ବ୍ୟୟଅଟକଳ କରାଯାଇଛି ।

**ଗ୍ରାମୀଣ ନିଯୁକ୍ତି, ଜୀବିକା ଏବଂ ମୌଳିକ ସେବା**

**52.** ଗ୍ରାମୀଣ ଶ୍ରମିକମାନଙ୍କୁ ବର୍ଷରେ ଅନ୍ୟୁନ 100 ଶ୍ରମ ଦିବସ ବାଧ୍ୟତାମୂଳକ ଭାବେ ଯୋଗାଇ ଦେବାର ବ୍ୟବସ୍ଥା ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ନିୟମରେ ରହିଛି । ଏହି ଯୋଜନା ଅନୁଯାୟୀ ଶ୍ରମିକମାନଙ୍କର ମଜୁରୀ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାର ବ୍ୟବସ୍ଥା ଅଛି । ଏହି ଯୋଜନା ଅନ୍ତର୍ଗତ ମ୍ୟାଟେରିଆଲ୍ କମ୍ପୋନେଣ୍ଟ୍ (**Material Component**) ପାଇଁ କେନ୍ଦ୍ର ଓ ରାଜ୍ୟର ଅଂଶର ଅନୁପାତ ଯଥାକ୍ରମେ 75:25 ଅଟେ । ଏଥିନିମନ୍ତେ **1283 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହି ଯୋଜନାରେ ଶ୍ରମ ଉପାଦାନକୁ ଉପଯୋଗ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା – ବୃକ୍ଷ ରୋପଣ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ଗ୍ରାମୀଣ ଆବାସ  ଓ ଶୌଚାଳୟ, କେନାଲ ବ୍ୟବସ୍ଥାର ଉନ୍ନତିକରଣ ଓ କୃଷି କ୍ଷେତ୍ରରେ ପୋଖରୀ ଖନନ କାର୍ଯ୍ୟ ହାତକୁ ନିଆଯାଇଛି ।

**53.** ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ପ୍ରଶାସନର ସର୍ବୋଚ୍ଚସ୍ତର ସହିତ ଜନସାଧାରଣଙ୍କର ଯୋଗସୂତ୍ର ସ୍ଥାପନ କରିବା ପାଇଁ ଓ ସାଧାରଣ ଜନତା ତଥା ପଞ୍ଚାୟତିରାଜ ସଂସ୍ଥାର ସଭ୍ୟମାନଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବାପାଇଁ ଏକ ଅଭିନବ ପଦକ୍ଷେପ ନେଇଛନ୍ତି । "**ଆମ ଗାଁ ଆମ ବିକାଶ**" ଯୋଜନା ତୃଣମୂଳ ସ୍ତରର ଜନସାଧାରଣଙ୍କର ମତାମତକୁ ଭିତ୍ତିକରି ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଉଦ୍ଦିଷ୍ଟ । ମାନ୍ୟବର ମୁଖ୍ୟମନ୍ତ୍ରୀ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଥିବା ଜନସାଧାରଣ ଓ ସେମାନଙ୍କର ପ୍ରତିନିଧିମାନଙ୍କ ସହିତ **Video Conferencing** ମାଧ୍ୟମରେ ସିଧାସଳଖ ଆଲୋଚନା ଦ୍ୱାରା ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି, 1 ଲକ୍ଷରୁ 10 ଲକ୍ଷ ମୂଲ୍ୟ ବିଶିଷ୍ଟ ପ୍ରକଳ୍ପ ଗୁଡିକୁ ତତ୍କ୍ଷଣାତ୍ ମଞ୍ଜୁରୀ ପ୍ରଦାନ କରୁଛନ୍ତି । ଏଥିପାଇଁ **1 ହଜାର 250 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।

**54. ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା (National Rural Livelihood Mission)** – ଗ୍ରାମାଞ୍ଚଳରେ ବାସକରୁଥିବା ପ୍ରତ୍ୟେକ ଗରିବ ପରିବାରକୁ ଜୀବନ ଧାରଣପାଇଁ ଜୀବିକା ସୁଯୋଗ ସୃଷ୍ଟି କରି ଦାରିଦ୍ର୍ୟରୁ ମୁକ୍ତି ଦେଇ ସେମାନଙ୍କର ଜୀବନ ଧାରଣର ମାନ ଉନ୍ନତ କରିବା ଜାତୀୟ ଗ୍ରାମ୍ୟ ଜୀବିକା ମିଶନର ଲକ୍ଷ୍ୟ । ଏଥିପାଇଁ ରାଜ୍ୟର 40 ପ୍ରତିଶତ ଅଂଶ ସମେତ **400 କୋଟି ଟଙ୍କା**ର ବ୍ୟୟବରାଦ ହୋଇଛି । **ଶ୍ୟାମାପ୍ରସାଦ ମୁଖାର୍ଜୀ (RURBAN) ମିଶନ** ମାଧ୍ୟମରେ ଗ୍ରାମାଞ୍ଚଳରେ ସହରାଞ୍ଚଳର

ସୁବିଧା ଉପଲବ୍ଧ କରିବା ନିମନ୍ତେ **100 କୋଟି ଟଙ୍କା** ବ୍ୟୟବରାଦ କରାଯିବାର ପ୍ରସ୍ତାବ ରହିଛି ।

**55.** ରାଜ୍ୟର ସବୁ ଜିଲ୍ଲାରେ ମୌଳିକ ଭିତ୍ତିଭୂମି ଯଥା – ବିଜୁଳି, ସଡକ ଓ ପାଣି ଯୋଗାଇ ଦେବା ପାଇଁ "**ଗୋପବନ୍ଧୁ ଗ୍ରାମୀଣ ଯୋଜନା**" କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ **500 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**56.** ଚତୁର୍ଦ୍ଦଶ ଅର୍ଥ କମିଶନ ଓ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ସ୍ୱାୟତ୍ତଶାସନ ସଂସ୍ଥା ଗୁଡିକ ପାଇଁ ଅର୍ଥ ହସ୍ତାନ୍ତର କରାଯାଉଛି । ପଞ୍ଚାୟତିରାଜ ସଂସ୍ଥା ପାଇଁ ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ପ୍ରାୟ **1 ହଜାର 991 କୋଟି ଟଙ୍କା** ଏବଂ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ପ୍ରାୟ **1 ହଜାର 709 କୋଟି ଟଙ୍କା** ପ୍ରଦାନ କରିବାକୁ ପ୍ରସ୍ତାବ ରଖିଛୁ । ଏହା ଗ୍ରାମ୍ୟ ଜନସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବା ପାଇଁ ସହାୟକ ହେବ ।

**ଅନୁସୂଚିତ ଜାତି ଓ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟର ଉନ୍ନତିକରଣ** :

**57.** ଅନୁସୂଚିତ ଜାତି ଓ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗର ସାମାଜିକ ବିକାଶ କରିବା ହେଉଛି ଆମର ମୂଳ ଲକ୍ଷ୍ୟ । ଏହି ବର୍ଗର ପିଲାମାନଙ୍କର ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ସରକାର ନେଇଥିବା ପଦକ୍ଷେପ ଗୁଡିକ ସମ୍ବନ୍ଧରେ ମୁଁ ଆଲୋକପାତ କରିସାରିଛି ।

**58.** ଅନୁସୂଚିତ ଜାତି ଓ ଜନଜାତିର ଉନ୍ନତି, ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଶେଷତଃ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ନିଯୁକ୍ତି ଓ ଜୀବିକା, ଦକ୍ଷତା ବିକାଶ, ଆବାସ ଏବଂ ବିଦ୍ୟୁତ୍‌କରଣ ସମ୍ବନ୍ଧୀୟ ଯୋଜନା ଗୁଡିକର ଅବିଚ୍ଛେଦ୍ୟ ଅଙ୍ଗ ଅଟେ । 2018-19 ଆର୍ଥିକ ବର୍ଷରେ **12 ହଜାର 741 କୋଟି ଟଙ୍କା** ଅନୁସୂଚିତ ଜନଜାତିର Sub Component ଅଧୀନରେ ଏବଂ **9 ହଜାର 943 କୋଟି ଟଙ୍କା** ଅନୁସୂଚିତ ଜାତି Sub Component ଅଧୀନରେ ବ୍ୟୟବରାଦ କରାଯାଇଛି ଏହିପରି ଭାବେ ମୋଟ **22 ହଜାର 684 କୋଟି ଟଙ୍କା** ଚିହ୍ନିତ ଯୋଜନା ପାଇଁ କାର୍ଯ୍ୟକ୍ରମ ବଜେଟରେ ବ୍ୟୟ ବରାଦ କରାଯାଇଛି ।

**59.** ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଅନୁଯାୟୀ ଅନୁସୂଚିତ ଜାତିର ଅଂଶ ନିମିତ୍ତ **83 କୋଟି ଟଙ୍କା** ବ୍ୟୟବରାଦ ବ୍ୟବସ୍ଥା କରାଯାଇଛି । ଏତଦ୍‌ବ୍ୟତୀତ ଅନୁସୂଚିତ ଜାତିର ଜନସାଧାରଣଙ୍କର ବିକାଶ ପାଇଁ **322 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**60.** ସମ୍ବିଧାନର ଅନୁଚ୍ଛେଦ 275 (1) ର ପ୍ରଥମ ସର୍ତ୍ତ ଅନୁସାରେ ଭାରତ ସରକାର ରାଜ୍ୟର ଜନଜାତିର ମଙ୍ଗଳ ପାଇଁ ଯୋଜନାର ଖର୍ଚ୍ଚ ଉଦ୍ଦେଶ୍ୟରେ ଅନୁଦାନ ପ୍ରଦାନ କରନ୍ତି । ଏଥିପାଇଁ **180 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଭାରତ ସରାକାରଙ୍କ ଦ୍ୱାରା ଆଦିବାସୀ ଉପ-ଯୋଜନାରେ **114 କୋଟି ଟଙ୍କା**ର ଅନୁଦାନ ପ୍ରଦାନ କରିବା ପାଇଁ ପ୍ରସ୍ତାବ ରହିଛି । **OTELP PLUS ଯୋଜନା** ପାଇଁ **27 କୋଟି ଟଙ୍କା** ବ୍ୟୟବରାଦ

କରାଯାଇଛି ଏବଂ ବହିଃ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ **Odisha PVTGs Empowerment and Livelihood Improvement Programme (OPELIP)** ଅଧୀନରେ ଆଦିବାସୀମାନଙ୍କ ପାଇଁ ଆୟ ସୃଷ୍ଟିକାରୀ କାର୍ଯ୍ୟକ୍ରମ ଓ ନିଯୁକ୍ତି ନିମନ୍ତେ **88 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**61.** ରାଜ୍ୟ ସରକାର 450 ଦୁର୍ଗମ ଅଦିବାସୀ ଗ୍ରାମ ବା ପଡା ଓ 500 ଆଦିବାସୀ ବିଦ୍ୟାଳୟ ଗୁଡିକ ପାଇଁ ସୌରଶକ୍ତି ଭିତ୍ତିକ ବିଦ୍ୟୁତୀକରଣ ଯୋଜନା ଆରମ୍ଭ କରିଛନ୍ତି । ଏପର୍ଯ୍ୟନ୍ତ 278 ଆଦିବାସୀ ବିଦ୍ୟାଳୟ ଏବଂ 246 ଦୁର୍ଗମ ଗ୍ରାମକୁ ବିଦ୍ୟୁତୀକରଣ କାର୍ଯ୍ୟ ହାତକୁ ନିଆଯାଇଛି । ଏଥିପାଇଁ 2018-19 ଆର୍ଥିକ ବର୍ଷରେ **20 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

### ଦିବ୍ୟାଙ୍ଗମାନଙ୍କର ସାମାଜିକ ନିରାପତ୍ତା, ବିକାଶ ଓ ସଶକ୍ତିକରଣ

**62.** ସମାଜର ଦୁର୍ବଳ ଓ ଅବହେଳିତ ବର୍ଗର ଜନସାଧାରଣଙ୍କ ସାମାଜିକ ନିରାପତ୍ତା ପାଇଁ ଆମ ସରକାର ଅଙ୍ଗୀକାର ବଦ୍ଧ । ବର୍ତ୍ତମାନ ସରକାର ବିଭିନ୍ନ ଶ୍ରେଣୀର 43 ଲକ୍ଷ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସାମାଜିକ ନିରାପତ୍ତା ପେନ୍‌ସନ୍ – ଯଥା ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଏବଂ ଦିବ୍ୟାଙ୍ଗ ଭତ୍ତା ଏଡସ୍ ସଂକ୍ରମିତ ରୋଗୀମାନଙ୍କ ପାଇଁ ଭତ୍ତା ପ୍ରଦାନ କରୁଛନ୍ତି । ଏଥିପାଇଁ **National Social Assistance Programme** ରେ କେନ୍ଦ୍ର-ରାଜ୍ୟ ସହଭାଗିତାରେ **863 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ଆମେ ଆମ ସମ୍ବଳରୁ ଅତିରିକ୍ତ

ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛୁ ଏବଂ ଏଥିପାଇଁ ବଜେଟରେ **1 ହଜାର 486 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**63.** ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ଓ ସରକାରୀ ଉଦ୍ୟୋଗରେ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚାକିରୀରେ ସଂରକ୍ଷଣ ହାରକୁ 3 ପ୍ରତିଶତ ରୁ 4 ପ୍ରତିଶତକୁ ବୃଦ୍ଧି କରାଯାଇଛି । ଦିବ୍ୟାଙ୍ଗମାନଙ୍କ କଲ୍ୟାଣ ପାଇଁ **80 କୋଟି ଟଙ୍କା**ର ବ୍ୟବସ୍ଥା ରଖିଛୁ । ଏଥିମଧ୍ୟରେ ଦିବ୍ୟାଙ୍ଗମାନଙ୍କର ଚିହ୍ନଟ ପ୍ରମାଣ ପତ୍ର ଓ ଦିବ୍ୟାଙ୍ଗ ଉପଯୋଗୀ ଉପକରଣ **Single Window Camp** ରେ ଆବଣ୍ଟନ ନିମନ୍ତେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନରେ **20 କୋଟି ଟଙ୍କା**, ସେମାନଙ୍କ ଥଇଥାନ ନିମନ୍ତେ **26 କୋଟି ଟଙ୍କା** ଏବଂ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ଛାତ୍ରୀ ନିବାସ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ **8 କୋଟି ଟଙ୍କା**ର ବ୍ୟୟବରାଦ ଅନ୍ତର୍ଭୁକ୍ତ । ଦିବ୍ୟାଙ୍ଗମାନଙ୍କ ପାଇଁ ଜାତୀୟ କାର୍ଯ୍ୟକ୍ରମ ନିମନ୍ତେ **20 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**64.** ଦୁଃସ୍ଥ ଓ ନିରାଶ୍ରୟ ଜନସାଧାରଣଙ୍କର କଲ୍ୟାଣ ପାଇଁ **50 କୋଟି ଟଙ୍କା**ର ବ୍ୟୟବରାଦ ରଖିଛୁ । ତନ୍ମଧ୍ୟରୁ **36 କୋଟି ଟଙ୍କା** ବିଭିନ୍ନ ଜିଲ୍ଲାରେ ବୃଦ୍ଧାଶ୍ରମର ପ୍ରତିଷ୍ଠା ପାଇଁ ଏବଂ **2 କୋଟି 50 ଲକ୍ଷ ଟଙ୍କା** ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ରହିଛି । କିନ୍ନର ଓ ଅନ୍ୟ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ବ୍ୟୟବରାଦ କରାଯାଇଛି । ଭିକ୍ଷୁକମାନଙ୍କ ଥଇଥାନ ନିମନ୍ତେ "ସହାୟ" ନାମକ ଯୋଜନା ଆରମ୍ଭ କରାଯାଇଛି ଏବଂ ଏଥିରେ

660 ଭିକ୍ଷୁକଙ୍କୁ ବୈଷୟିକ ପ୍ରଶିକ୍ଷଣ ପାଇଁ ଚିହ୍ନଟ କରାଯାଇଛି । ନିଶା ସେବନରୁ ମୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ଥଇଥାନ ପାଇଁ **5 କୋଟି ଟଙ୍କା**ର ବ୍ୟୟବରାଦ ହୋଇଛି । ନିଷ୍କ୍ରେସିତ ଦାଦନ ଶ୍ରମିକମାନଙ୍କର ଥଇଥାନ ନିମନ୍ତେ **7 କୋଟି ଟଙ୍କା**ର ବ୍ୟୟବରାଦ ରଖାଯାଇଛି । ସାମଗ୍ରିକ ଭାବରେ ଏହି କ୍ଷେତ୍ର ପାଇଁ **2 ହଜାର 562 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ଯାହାକି 2017-18 ଆର୍ଥିକ ବର୍ଷର ତୁଳନାରେ **28 ପ୍ରତିଶତ** ଅଧିକ ।

**ଖାଦ୍ୟ ନିରାପତ୍ତା**

**65. ଜାତୀୟ ଖାଦ୍ୟ ନିରାପତ୍ତା ଅଧିନିୟମ (NFSA)** ବଳରେ ଗରିବ ଓ ଦୁର୍ବଳ ଜନସାଧାରଣଙ୍କ ପାଇଁ ଖାଦ୍ୟ ନିରାପତ୍ତା ଆଇନଗତ ଅଧିକାର ଅଟେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆମେ ରିହାତି ଦରରେ କେଜି ପିଛା 1 ଟଙ୍କା ମୂଲ୍ୟରେ ଏହି ପରିବାରମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାଉଳ ଯୋଗାଇ ଦେବା ସହିତ ଅନ୍ୟ ହିତାଧିକାରୀ ଯଥା – ଅନୁସୂଚିତ ଜାତି, ଜନଜାତି, ଛାତ୍ରଛାତ୍ରୀ ନିବାସର ଅନ୍ତେବାସୀମାନଙ୍କୁ ମଧ୍ୟ ଏହା ଯୋଗାଇ ଦିଆଯାଉଅଛି । ଏଥିପାଇଁ ବଜେଟ୍‌ରେ **902 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ଅଛି । ଏତଦ୍‌ବ୍ୟତୀତ, ସୁଲଭ ମୂଲ୍ୟ ଦୋକାନଗୁଡିକର ଲାଭାଂଶ ବାବଦକୁ ଆନ୍ତଃରାଜ୍ୟ ପରିବହନ ଓ ଖାଦ୍ୟ ଶସ୍ୟର ପରିଚାଳନା ପାଇଁ ରାଜ୍ୟ ସରକାରଙ୍କର 50 ପ୍ରତିଶତ ଅଂଶଧନ ନିମନ୍ତେ **148 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ଅଛି । ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ସୁଲଭ ମୂଲ୍ୟ ଦୋକାନଗୁଡିକର କମ୍ପ୍ୟୁଟରୀକରଣକୁ ତ୍ୱରାନ୍ୱିତ କରାଯିବ ।

**ନଗର ଉନ୍ନୟନ**

**66.** ସହରାଞ୍ଚଳରେ ଗୃହ ନିର୍ମାଣ, ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥା ସମ୍ବନ୍ଧରେ ସରକାର ନେଇଥିବା ପଦକ୍ଷେପର ମୁଁ ଆଲୋକପାତ କରିଛି । ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର **UNNATI** ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଯୋଜନା ପାଇଁ ବଜେଟ୍‌ରେ **400 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**67.** ଭୁବନେଶ୍ୱର ଓ ରାଉରକେଲା "**Smart City Mission**" ରେ ଅନ୍ତର୍ଭୁକ୍ତ ହୋଇଛି । ଏଥିପାଇଁ **400 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରହିଛି । ନଗରାଞ୍ଚଳ ପୁନର୍ଜୀବନ ଏବଂ ନଗରାଞ୍ଚଳ ରୂପାନ୍ତରୀକରଣ ପାଇଁ **AMRUT (ଅମୃତ)** ଯୋଜନାରେ ଅନ୍ତର୍ଭୁକ୍ତ ଆମ ରାଜ୍ୟର ନଅଟି ସହର ପାଇଁ **250 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । "**ଜାତୀୟ ସହରାଞ୍ଚଳ ଜୀବିକା ମିଶନ**" ପାଇଁ **47 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**68.** 2018 ମସିହାର ଶେଷ ଭାଗରେ ଭୁବନେଶ୍ୱରରେ ହେବାକୁ ଥିବା **ପୁରୁଷ ବିଶ୍ୱ କପ୍ ହକି ପ୍ରତିଯୋଗୀତା**ର ଆୟୋଜକ ଭାବେ ଆମେ ଗର୍ବିତ । ସରକାରୀ ଓ ଘରୋଇ ଭାଗିଦାରୀରେ ଭୁବନେଶ୍ୱରରେ ପରିବହନ ବ୍ୟବସ୍ଥାର ଉନ୍ନତି କରଣ ପାଇଁ **125 କୋଟି ଟଙ୍କା**ର ବ୍ୟୟବରାଦ ଅଛି ।

**69. JICA** ସହାୟତାରେ କାର୍ଯ୍ୟକାରୀ ହେଉଥିବା କଟକ ଓ ଭୁବନେଶ୍ୱରର ସ୍ୱରେଜ୍ ପ୍ରକଳ୍ପ ସନ୍ତୋଷଜନକ ଭାବେ ଅଗ୍ରଗତି କରୁଛି ।

ଏଥିପାଇଁ 300 କୋଟି ଟଙ୍କାର ବ୍ୟୟବରାଦର ପ୍ରସ୍ତାବ ରହିଛି । ସହରାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଜର୍ମାନୀର **KfW** ସଂସ୍ଥାରୁ ସହାୟତା ଆଣି ଓଡିଶା ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (**Odisha Urban Infrastructure Development Fund**) ଜରିଆରେ କାର୍ଯ୍ୟକାରୀ କରାଯିବ । ଏଥିପାଇଁ **109 କୋଟି ଟଙ୍କା**ର ବ୍ୟୟବରାଦ ରହିଛି ।

**70.** ଚତୁର୍ଦ୍ଦଶ ଅର୍ଥ ଆୟୋଗ ଓ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ ଭିତ୍ତିରେ ରାଜ୍ୟର ସହରାଞ୍ଚଳ ନିକାୟ ସଂସ୍ଥାକୁ ଯଥାକ୍ରମେ **404 କୋଟି** ଓ **1 ହଜାର 197 କୋଟି ଟଙ୍କା** ହସ୍ତାନ୍ତର କରାଯିବାର ପ୍ରସ୍ତାବ ଅଛି । ଏହା ସହରାଞ୍ଚଳ ଜନସାଧାରଣଙ୍କୁ ମୌଳିକ ନାଗରିକ ସେବା ଯୋଗାଇ ଦେବାରେ ସମର୍ଥ ହେବ ।

**71.** ଗୃହ ଓ ନଗର ଉନ୍ନୟନ ବିଭାଗ ପାଇଁ ବ୍ୟୟ ଅଟକଳ **5 ହଜାର 162 କୋଟି ଟଙ୍କା** କୁ ବୃଦ୍ଧି କରାଯାଇଛି ।

**ଶକ୍ତି**

**72.** ଆମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ସବୁ ବାସଗୃହକୁ ଡିସେମ୍ବର 2018 ସୁଦ୍ଧା ବିଦ୍ୟୁତ୍ ଯୋଗାଣ ପାଇଁ ଆମେ ସଂକଳ୍ପବଦ୍ଧ । ମୁଁ ଏଠି ସଭ୍ୟମାନଙ୍କ ଅବଗତି ନିମନ୍ତେ ସୁଚାଇ ଦେବାକୁ ଚାହେଁଯେ 2000 ମସିହାରେ ବିଦ୍ୟୁତ୍ ଉପଭୋକ୍ତା ମାନଙ୍କର ସଂଖ୍ୟା ମାତ୍ର 16 ଲକ୍ଷ ଥିବାବେଳେ 2017 ରେ ଏହା 4 ଗୁଣରୁ ଅଧିକ ବୃଦ୍ଧି ପାଇ 68 ଲକ୍ଷରେ

ପହଁଚିଛି । ଅଦ୍ୟାବଧି ରାଜ୍ୟର ସମଗ୍ର 47 ହଜାର 677 ଗ୍ରାମ ମଧ୍ୟରୁ 47 ହଜାର 655 ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରଯାଇସାରିଛି । ଅବଶିଷ୍ଟ ଗ୍ରାମକୁ ବିଦ୍ୟୁତ ସଂଯୋଗ ନିର୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ । ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ସଞ୍ଚାରଣ ଓ ବିତରଣ ଭିତ୍ତିଭୂମିକୁ ସୁଦୃଢ କରିବା ନିମନ୍ତେ ରାଜ୍ୟ ସରକାର ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଛନ୍ତି ।

**73.** ସପ୍ତାହର ସାତ ଦିନ 24 ଘଣ୍ଟା ସଠିକ୍ ଭୋଲଟେଜ୍‌ର ବିଦ୍ୟୁତ୍ ଯୋଗାଣ ନିମନ୍ତେ ଆମେ 4 ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଦ୍ୱାରା ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ଯୋଜନା, 2014-15 ଆର୍ଥିକ ବର୍ଷରୁ ହାତକୁ ନେଇଛୁ । ଏହି ଯୋଜନାରେ 473 ଟି 33/11 କେ.ଭି. ସବଷ୍ଟେସନ ମଧ୍ୟରୁ ଅଦ୍ୟାବଧି 180ଟି 33/11 କେ.ଭି. ସବଷ୍ଟେସନ ସମ୍ପୂର୍ଣ୍ଣ କରାଯାଇଛି ଓ ବଳକା ସବଷ୍ଟେସନ 2018-19 ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ କରାଯିବ । ଏଥିନିମନ୍ତେ 2018-19 ବଜେଟ୍‌ରେ **530 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।

**74.** "**ସମସ୍ତଙ୍କ ପାଇଁ ବିଦ୍ୟୁତ୍ ସେବା**"କୁ ସୁନିଶ୍ଚିତ କରିବା ନିମନ୍ତେ ବିଜୁ ଗ୍ରାମ ଜ୍ୟୋତି ଯୋଜନା, ବିଜୁ ସହରାଞ୍ଚଳ ବିଦ୍ୟୁତୀକରଣ ଯୋଜନା ଓ ସୌଭାଗ୍ୟ, ଦିନ୍‌ଦୟାଲ ଉପାଧ୍ୟାୟ ଓ ରାଜିବ ଗାନ୍ଧି ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାରେ ରାଜ୍ୟ ଅଂଶଧନ ବାବଦକୁ **560 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**75.** ବିଗତ 6 ବର୍ଷ ଧରି ଆମ ରାଜ୍ୟ ସଠିକ୍ ବିଦ୍ୟୁତ ଉପଯୋଗ ନିମନ୍ତେ ବିଭିନ୍ନ ପଦକ୍ଷେପ ନେଇଛି ଓ ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ରାସ୍ତାର ଆଲୋକୀକରଣରେ କମ ବିଦ୍ୟୁତ ଉପଯୋଗ କରୁଥିବା ବୈଦ୍ୟୁତିକ ଆଲୋକ ସରଞ୍ଜାମ ବ୍ୟବହାର କରାଯାଉଅଛି । ଏହି ଯୋଜନାକୁ ଅଧିକ ସଫଳ କରିବା ନିମନ୍ତେ ଜନ ସଚେତନତା ନିତ୍ୟାନ୍ତ ଆବଶ୍ୟକ । ଏହି ଉଦ୍ଦେଶ୍ୟରେ ଆମେ ଏକ ନୁଆ ଯୋଜନା "**ଆମ ଘରେ ଏଲ.ଇ.ଡି. ଲାଇଟ୍**" କାର୍ଯ୍ୟକ୍ରମ ହାତକୁ ନେଇଛୁ ଯଦ୍ୱାରା ପ୍ରତ୍ୟେକ ଗରିବ ପରିବାରକୁ 4 ଟି ଏଲ.ଇ.ଡି. ବଲ୍‌ବ ମାଗଣାରେ ଯୋଗାଇ ଦିଆଯିବ । ଏହି ନୁତନ ଯୋଜନା ନିମନ୍ତେ **125 କୋଟି ଟଙ୍କା**ର ବ୍ୟୟ ବରାଦ ପ୍ରସ୍ତାବ ରହିଛି ।

**76.** କଟକ ଓ ଭୁବନେଶ୍ୱର ସହରାଞ୍ଚଳରେ 24 ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣ ନିମନ୍ତେ "**ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ ସରବରାହ ଉନ୍ନତି ପ୍ରଣାଳୀ**" (**State Capital Region Improvement of Power System[SCRIPS]**) କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ **125 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । "**ସମନ୍ୱିତ ଶକ୍ତି ବିକାଶ ଯୋଜନା**"ରେ (**Integrated Power Development Scheme[IPDS]**) ବିଦ୍ୟୁତ ସହ-ସଂଞ୍ଚାରଣ ଓ ବିତରଣ ବ୍ୟବସ୍ଥାକୁ ସୁଦୃଢ କରିବା ନିମନ୍ତେ **100 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**77.** ବିଦ୍ୟୁତ ସେବା କ୍ଷେତ୍ରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ସରକାରୀ ଉଦ୍ୟୋଗ ଗୁଡ଼ିକରେ ଅଂଶଧନ ବାବଦକୁ **341 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏଥି ମଧ୍ୟରେ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୟୁନିଟ୍-3 ଓ 4 ପାୱାର ଷ୍ଟେସନ୍ ନିମନ୍ତେ ବ୍ୟୟ ହେବାକୁ ଥିବା **192 କୋଟି ଟଙ୍କା** ଅନ୍ତର୍ଭୁକ୍ତ । **ସବୁଜ ଶକ୍ତି**ର ଗୁରୁତ୍ୱକୁ ବିଚାରକୁ ନେଇ ରାଜ୍ୟ ସରକାର ନିକଟ ଅତୀତରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ପ୍ରଣୟନ କରିଛନ୍ତି ଏବଂ ଏହି ନୀତି ଅନୁଯାୟୀ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ପାଣ୍ଠି ପ୍ରତିଷ୍ଠା କରାଯାଇଅଛି । ଏଥିପାଇଁ **59 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**ସଡ଼କ, ରେଳ ଓ ପରିବହନ**

**78.** ଆଧୁନିକ ଅର୍ଥନୀତି ପାଇଁ ସଡ଼କ ସଂଯୋଗୀକରଣ ଓ ଯୋଗାଯୋଗ ଏକ ମୁଖ୍ୟ ନିର୍ଣ୍ଣାୟକ । ସରକାରୀ ଓ ଘରୋଇ ସହଭାଗୀତାରେ ନିର୍ମିତ "**ବିଜୁ ଏକ୍ସପ୍ରେସ୍ ୱେ**"ର ରାଉରକେଲା-ସମ୍ବଲପୁର ଅଂଶକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନିକଟରେ ଉଦ୍‌ଘାଟନ କରିଛନ୍ତି । ମୁଁ ଆନନ୍ଦର ସହ ଏହି ପବିତ୍ର ଗୃହକୁ ଜଣାଉଅଛି ଯେ, ବହୁ ପ୍ରତିବନ୍ଧକ ସତ୍ତ୍ୱେ ମାଲକାନଗିରି ଜିଲ୍ଲାର ଜାନ୍‌ବାଇ ଜଳ ଭଣ୍ଡାର ଉପରେ ଗୁରୁପ୍ରିୟା ସେତୁ ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ଯାଉଛି । ଏହା ମାଲକାନଗିରି ଜିଲ୍ଲାର ଅଗମ୍ୟ ଅଞ୍ଚଳକୁ ସବୁଦିନିଆ ଗମନାଗମନ ସୁବିଧା ଯୋଗାଇ ଦେବ ।

**79.** ପୂର୍ତ୍ତ ବିଭାଗ ମାଧ୍ୟମରେ 1175 କି.ମି. ସଡ଼କର ଉନ୍ନତିକରଣ, 40 ଟି ସେତୁ ଓ 5 ଟି **Railway Over Bridge** ନିର୍ମାଣ ନିମିତ୍ତ **4 ହଜାର 265 କୋଟି ଟଙ୍କା**ର ବ୍ୟୟ ବରାଦର ପ୍ରସ୍ତାବ ରଖୁଛି । ଏଥିମଧ୍ୟରେ ରାଜ୍ୟ ରାଜପଥ ଉନ୍ନୟନ କାର୍ଯ୍ୟକ୍ରମ (SHDP) ଅନ୍ତର୍ଗତ ରାଜ୍ୟ ରାଜପଥ ଦୋହରିକରଣ ପାଇଁ **350 କୋଟି ଟଙ୍କା**; ପି.ପି.ପି. (PPP) ମାଧ୍ୟମରେ ସଡ଼କ ପ୍ରକଳ୍ପ ନିମିତ୍ତ **80 କୋଟି ଟଙ୍କା**; ପଶ୍ଚିମ ଓଡ଼ିଶା ଓ କେବିକେ ଜିଲ୍ଲାରେ ସଂଯୋଗୀକରଣର ଉନ୍ନତି ପାଇଁ ବିଜୁ ଏକ୍ସପ୍ରେସ୍ ୱେ ଯୋଜନାରେ **100 କୋଟି ଟଙ୍କା** ଓ କେନ୍ଦ୍ର ସଡ଼କ ପାଣ୍ଠି ପ୍ରକଳ୍ପ ପାଇଁ **400 କୋଟି ଟଙ୍କା**ର ପ୍ରସ୍ତାବ ରହିଛି । ରାସ୍ତା ଓ ସେତୁ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ **714 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି ।

**80.** 2016-17 ବର୍ଷରେ ଆମ ରାଜ୍ୟ ସମଗ୍ର ଦେଶରେ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (**PMGSY**) ଅନ୍ତର୍ଗତ ଗ୍ରାମୀଣ ରାସ୍ତା ନିର୍ମାଣ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଚଳିତ ବର୍ଷ ମଧ୍ୟ ଆମ ରାଜ୍ୟ 5 ହଜାର କି.ମି. ରାସ୍ତା ନିର୍ମାଣ କରିସାରିଛି । 2018-19 ଆର୍ଥିକ ବର୍ଷ ନିମନ୍ତେ ଏହି ଯୋଜନାରେ **2 ହଜାର 900 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଯେଉଁ ଜନବସତି ଗୁଡ଼ିକ PMGSY ରୁ ବାଦ୍ ପଡ଼ିଛନ୍ତି, ସେହି ଅଞ୍ଚଳର ସଂଯୋଗୀକରଣକୁ ସୁନିଶ୍ଚିତ କରିବାପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ 850 କି.ମି. ଗ୍ରାମୀଣ ସଡ଼କ ନିର୍ମାଣ ନିମନ୍ତେ **400 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି । ବିଜୁ ସେତୁ ଯୋଜନାରେ ନିର୍ମିତ ହେବାକୁ ଥିବା 313 ଗୋଟି

ସେତୁ ନିମନ୍ତେ **600 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । କେବିକେ ଜିଲ୍ଲାରେ ରାସ୍ତାଘାଟର ଉନ୍ନତି ପାଇଁ **125 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏଥି ସହିତ PMGSY ରେ ନିର୍ମିତ ସଡ଼କ ଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ **375 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

**81.** 17ଟି ଚରମ ବାମପନ୍ଥୀ ଉପଦ୍ରୁତ ଜିଲ୍ଲା ଅଧିନରେ ଥିବା 142ଟି ଅଗମ୍ୟ ବିଚ୍ଛିନ୍ନାଞ୍ଚଳର ସଂଯୋଗୀକରଣ ପାଇଁ **"ବିଚ୍ଛିନ୍ନ ଗ୍ରାମକୁ ସଂଯୋଗୀକରଣ" (Connecting Unconnected Villages)** ଯୋଜନା ପ୍ରଣୟନ କରାଯାଇଛି । ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟାକାରୀ ହେବ । ଏହି ଯୋଜନା ନିମନ୍ତେ ମୁଁ **100 କୋଟି ଟଙ୍କା**ର ବ୍ୟୟ ବରାଦର ପ୍ରସ୍ତାବ ରଖୁଅଛି । ଏଥି ସହିତ **ଗୋପବନ୍ଧୁ ଗ୍ରାମୀଣ ଯୋଜନା** ଅଧୀନରେ ଗ୍ରାମାଞ୍ଚଳରେ କଂକ୍ରିଟ୍ ରାସ୍ତା ଓ **ଉନ୍ନତି (UNNATI)** ଯୋଜନା ମାଧ୍ୟମରେ ସହରାଞ୍ଚଳରେ ରାସ୍ତା ନିର୍ମାଣ କରାଯାଉଛି । ଅର୍ଥ କମିଶନଙ୍କ ଅନୁଦାନରେ ପଞ୍ଚାୟତ ରାଜ ସଂସ୍ଥା ଓ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ମାନେ ଆବଶ୍ୟକତା ଭିତ୍ତିରେ ସଡ଼କ ପ୍ରକଳ୍ପ କାର୍ଯ୍ୟ ନିର୍ବାହ କରିବେ ।

**82.** ରାଜ୍ୟ ସରକାର ରେଳ ଭିତ୍ତିଭୂମିର ତ୍ୱରିତ ଉନ୍ନତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି । ଏଥି ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ରେଳ ପ୍ରକଳ୍ପରେ ବ୍ୟୟ ପାଇଁ ବିଗତ ବର୍ଷ ଗୁଡିକ ତୁଳନାରେ ସର୍ବାଧିକ **400 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ଏହି ରାଶିକୁ ଖୋର୍ଦ୍ଧା-ବଲାଙ୍ଗିର, ନବରଙ୍ଗପୁର-ଜୟପୁର ଓ ଜୟପୁର-ମାଲକାନଗିରି ନୂତନ ରେଳପଥ ପ୍ରକଳ୍ପ ନିମନ୍ତେ ରାଜ୍ୟ

ଅଂଶ ବାବଦରେ ବ୍ୟୟ କରାଯିବ । ରାଜ୍ୟରେ ବାଣିଜ୍ୟିକ ଦୃଷ୍ଟିରୁ ଲାଭପ୍ରଦ ରେଳପଥ ପ୍ରକଳ୍ପ ନିମନ୍ତେ ସରକାର 26 ପ୍ରତିଶତ ସାଧାରଣ ଅଂଶ ବିନିଯୋଗ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଦ୍ୱାରା SPV ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଗତ 4 ବର୍ଷ ଭିତରେ 307 କୋଟି ଟଙ୍କା ଦିଆଯାଇଛି । ଏଥିପାଇଁ 2018-19 ଆର୍ଥିକ ବର୍ଷ ନିମନ୍ତେ **20 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**83.** ବିମାନ ଚଳାଚଳ ସଂଯୋଗ ବୃଦ୍ଧି ପାଇଁ ବିମାନ ଅବତରଣ ପଡ଼ିଆ (**Air strip**) ନିର୍ମାଣ ନିମନ୍ତେ **100 କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ଝାରସୁଗୁଡ଼ା, ଉତକେଲା ଓ ଜୟପୁର ବିମାନ ଅବତରଣ ପଡ଼ିଆ (**Air strip**)ର ଉନ୍ନତି ନିମିନ୍ତେ ଆମେ ସକ୍ରିୟ ପଦକ୍ଷେପ ନେଉଛୁ ।

**84.** ପରିବହନ ବିଭାଗର ନିୟାମକ ଭିତ୍ତିଭୂମିର ଆଧୁନିକୀକରଣ ପାଇଁ **30 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ବସ ଟର୍ମିନାଲ ଯୋଜନା, ବିଜୁ ଗାଁ ଗାଡ଼ି ଯୋଜନା ତଥା ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ନିମିତ୍ତ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

**ଆଭ୍ୟନ୍ତରୀଣ ନିରାପତ୍ତା ଓ ନ୍ୟାୟିକ ପ୍ରଶାସନ**

**85.** ଆଭ୍ୟନ୍ତରୀଣ ନିରାପତ୍ତା ଏବଂ ନ୍ୟାୟିକ ପ୍ରଶାସନ ନିମିତ୍ତ **5 ହଜାର 274 କୋଟି ଟଙ୍କା**ର ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଅଛି । ଏଥିମଧ୍ୟରେ କାର୍ଯ୍ୟକ୍ରମ ବ୍ୟୟରୁ ନ୍ୟାୟାଳୟ, ଆରକ୍ଷୀ, ଅଗ୍ନିଶମ ସେବା ଏବଂ କାରାଗାର,

ଆବାସୀକ ଗୃହ, ବାରାକ ଓ ଆରକ୍ଷୀ ଆଧୁନିକୀକରଣ ପାଇଁ **1 ହଜାର 36 କୋଟି ଟଙ୍କା** ଅନ୍ତର୍ଭୁକ୍ତ । ଆବଶ୍ୟକତା ଭିତ୍ତିରେ ନୂତନ ନ୍ୟାୟାଳୟ, ପୁଲିସ ଥାନା ଓ ଅଗ୍ନିଶମ ସେବା କେନ୍ଦ୍ର ମଞ୍ଜୁର ପ୍ରଦାନ କରାଯିବ । ସହରାଞ୍ଚଳ ପୁଲିସ ତଥା ଟ୍ରାଫିକ୍ ପୁଲିସକୁ ପ୍ରାଥମିକତା ଦିଆଯିବ । ନିର୍ବାଚନ ସଂକ୍ରାନ୍ତିୟ ଯନ୍ତ୍ରପାତି ଯଥା **EVMs** ଓ **VVPATs** ର ସଂରକ୍ଷଣ ନିମନ୍ତେ ଗୋଦାମ ଗୃହର ସମ୍ପୂର୍ଣ୍ଣୀକରଣ ପାଇଁ ଆବଶ୍ୟକ ପାଣ୍ଠିର ବ୍ୟବସ୍ଥା କରାଯାଇଛି ।

**ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ଶିଳ୍ପ**

**86.** ହସ୍ତତନ୍ତ ଓ ହସ୍ତଶିଳ୍ପ ଓଡ଼ିଶାର ଏକ ପ୍ରମୁଖ ପାରମ୍ପରିକ କୁଟୀର ଶିଳ୍ପ । କୃଷି ପରେ ଏହା ସର୍ବାଧିକ କର୍ମ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ଅଟେ । ହସ୍ତତନ୍ତ, ହସ୍ତଶିଳ୍ପ, ରେଶମ ଶିଳ୍ପ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ଡିଜାଇନ୍‌ର ଉନ୍ନତି, ଉତ୍ପାଦକତାର ବୃଦ୍ଧି, ବିପଣନ ସମର୍ଥର ସହାୟତା ଓ ଋଣର ଉପଲବ୍ଧି, ବୁଣାକାର ଓ ଚିତ୍ରକାରଙ୍କ ଦକ୍ଷତା ବୃଦ୍ଧି ଏବଂ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ **190 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରହିଛି । ଏଥିମଧ୍ୟରୁ ନିକଟରେ ଘୋଷିତ **"ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ପରିଷଦ"** ନିମିତ୍ତ **20 କୋଟି ଟଙ୍କା** ଓ **ବରିଷ୍ଠ ବୁଣାକାର ସହାୟତା** ଯୋଜନା ଅନ୍ତର୍ଗତ ବୁଣାକାର ମାନଙ୍କୁ ପୁରସ୍କୃତ କରିବା ନିମନ୍ତେ **1 କୋଟି ଟଙ୍କା**ର ପ୍ରସ୍ତାବ ରହିଛି ।

୫୭. ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (**MSME**) ରାଜ୍ୟ ଅର୍ଥନୀତିରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇବା ସଙ୍ଗେ ସଙ୍ଗେ ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଅଛି । ଏହି କ୍ଷେତ୍ର ନିମନ୍ତେ **212 କୋଟି ଟଙ୍କା**ର ବ୍ୟୟ ବରାଦର ପ୍ରସ୍ତାବ ଅଛି ଯାହା ଚଳିତ ବର୍ଷ ଠାରୁ 45 ପ୍ରତିଶତ ଅଧିକ ଅଟେ । ଚାହିଦା ମୁତାବକ ବଛା ବଛା ଅଞ୍ଚଳରେ MSME ବିପଣନ ପାର୍କ ସ୍ଥାପନା ହାତକୁ ନିଆଯିବ । MSME ନୀତି ଓ ଅନ୍ୟାନ୍ୟ ଆନୁସଙ୍ଗିକ ନୀତିରେ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଅଭିବୃଦ୍ଧି ପାଇଁ ସହାୟକ ହେବ । **ଓଡ଼ିଶା ଷ୍ଟାର୍ଟଅପ୍ ନୀତି (Odisha Start-up Policy)** ଅନ୍ତର୍ଗତ ସହାୟତା ପାଇଁ **5 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଅଛି ।

୫୮. **Ease of Doing Business** ଦ୍ୱାରା ଉତ୍ପାଦନ କ୍ଷେତ୍ରରେ ବିନିଯୋଗ ଆକୃଷ୍ଟ କରିବାରେ ଆମ ରାଜ୍ୟ ଏକ ଅଗ୍ରଣୀ ରାଜ୍ୟ ରୂପେ ଦେଶର ପ୍ରଥମ ତିନୋଟି ରାଜ୍ୟ ମଧ୍ୟରେ ନିରବଚ୍ଛିନ୍ନ ଭାବେ ସ୍ଥାନିତ ହୋଇ ଆସୁଅଛି । ନିକଟରେ ରାଜ୍ୟରେ **GO SWIFT** ପୋର୍ଟାଲ ପ୍ରଚଳନ କରାଯାଇ ଶିଳ୍ପ ନିବେଶକାରୀ ମାନଙ୍କୁ ସେମାନଙ୍କର ସମସ୍ତ ସେବା ଓ ସହାୟତା ସମୟାନୁବର୍ତ୍ତି, ପେପର ଲେସ୍ ଓ ସ୍ୱଚ୍ଛତାର ସହିତ ସମଗ୍ର ନିବେଶ କାଳ ମଧ୍ୟରେ ଉପଲବ୍ଧ କରାଯାଇ ପାରୁଛି । ଏହି ଶିଳ୍ପ କ୍ଷେତ୍ର ପାଇଁ ବ୍ୟୟ ବରାଦକୁ **312 କୋଟି ଟଙ୍କା** କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖୁଅଛି ।

**୫୨. ସମନ୍ୱିତ ଖଣି, ଖଣିଜ ଦ୍ରବ୍ୟ ଏବଂ ପରିଚାଳନା (i3MS)** ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଯାହାକି ଭାରତ ସରକାରଙ୍କ ଦ୍ୱାରା ପ୍ରଶଂସିତ । ଏହାଦ୍ୱାରା ଖଣିଜ ରାଜସ୍ୱ ଏବଂ ଜିଲ୍ଲା ଖଣିଜ ପାଣ୍ଠିର ପ୍ରାପ୍ୟ ଏବଂ ଖଣିଜ ପଦାର୍ଥ ପରିବହନ ବ୍ୟବସ୍ଥାକୁ ଅନ୍‌ଲାଇନ୍ ରେ ବାସ୍ତବ ସମୟ ଭିତ୍ତିରେ କରାଯାଇପାରୁଛି । ମୁଁ ଖଣି କ୍ଷେତ୍ର ପାଇଁ **114 କୋଟି** ଟଙ୍କାର ପ୍ରସ୍ତାବ ରଖୁଛି ଯାହା ମଧ୍ୟରେ **31 କୋଟି i3MS** ଓ **18 କୋଟି** ଟଙ୍କା **ଖଣିଜ ପଦାର୍ଥ ଉତ୍ତୋଳନ ଓ ନିଲାମ** ପାଇଁ ବ୍ୟୟ ବରାଦ ରହିଛି ।

**ଜଙ୍ଗଲ ଓ ପରିବେଶ –**

**90.** ଭାରତୀୟ ସର୍ବେକ୍ଷଣ ସଂସ୍ଥାନ ପକ୍ଷରୁ ପ୍ରକାଶିତ ଭାରତର ରାଜ୍ୟମାନଙ୍କର ଜଙ୍ଗଲ ସମ୍ପର୍କିତ ରିପୋର୍ଟ, 2015 ତଥ୍ୟ ଅନୁସାରେ ଓଡିଶାରେ ଜଙ୍ଗଲ ପରିସୀମା ଗତ 5 ବର୍ଷରେ 1451 ବର୍ଗ କି.ମି ବୃଦ୍ଧି ପାଇଛି । ଜଙ୍ଗଲ ସଂରକ୍ଷଣ ଜନିତ ବିଭିନ୍ନ ନିରନ୍ତର ଉଦ୍ୟମ ଓ ଗୋଷ୍ଠୀଗତ ସହଭାଗିତା ମାଧ୍ୟମରେ ପତିତ ଜଙ୍ଗଲର ପୁନରୁଦ୍ଧାର ଦ୍ୱାରା ଏହି ସଫଳତା ସମ୍ଭବ ହୋଇପାରିଛି । ଜଙ୍ଗଲ ଓ ପରିବେଶ ବିଭାଗରେ ଖାଲି ଥିବା ପଦବୀ ପୂରଣ ହୋଇଥିବା ହେତୁ ଜଙ୍ଗଲ କ୍ଷେତ୍ରରେ ଉନ୍ନୟନମୂଳକ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବ ।

**91.** ଆମ ରାଜ୍ୟରେ **CAMPA** ପାଣ୍ଠିରେ **5** ହଜାର **900 କୋଟି** ଟଙ୍କା ଆଦାୟ ହୋଇଛି, ଯାହାକି ଦେଶରେ ସର୍ବାଧିକ । ଏହାର ଏକ ଅଂଶ ପ୍ରତି ବର୍ଷ ବାର୍ଷିକ କ୍ରିୟାନ୍ୱୟନ ଯୋଜନା ମାଧ୍ୟମରେ ଖର୍ଚ୍ଚ କରାଯାଉଛି ।

2018-19 ଆର୍ଥିକ ବର୍ଷରେ ଏହି ଯୋଜନା ମାଧ୍ୟମରେ 2 ହଜାର ହେକ୍ଟର ଜମିରେ ପ୍ରତିପୂରକ ବନୀକରଣ କରାଯିବାର ପ୍ରସ୍ତାବ ଅଛି । ଏତଦ୍‌ବ୍ୟତୀତ 2018-19 ଆର୍ଥିକ ବର୍ଷରେ ରାଜ୍ୟର **ସବୁଜ ବଳୟ ବୃଦ୍ଧି** ଯୋଜନାରେ ବନିକରଣ ଓ ଏହାର ରକ୍ଷଣାବେକ୍ଷଣ ନିମନ୍ତେ **45 କୋଟି** ଟଙ୍କା ଏବଂ **JICA** ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ଅଧୀନରେ **ଓଡିଶା ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ପାଇଁ 52 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି । ବନ୍ୟ ଜନ୍ତୁ ସୁରକ୍ଷା ଓ ସଂରକ୍ଷଣ କାର୍ଯ୍ୟକ୍ରମରେ **22 କୋଟି** ଟଙ୍କା, ଆର୍ଦ୍ରଜମି ସଂରକ୍ଷଣ ଓ ପରିଚାଳନା ପାଇଁ **11 କୋଟି** ଟଙ୍କା ବ୍ୟୟବରାଦ ହୋଇଛି । **"ଆମ ଜଙ୍ଗଲ ଯୋଜନା"** ଅଧୀନରେ ଅଧିକରୁ ଅଧିକ ବନାଞ୍ଚଳକୁ ଯୁଗ୍ମ ବନ ପରିଚାଳନା ଅଧିନକୁ ଅଣାଯାଇ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମର ଅଧିବାସୀଙ୍କର ସକ୍ରିୟ ଅଂଶ ଗ୍ରହଣ ଓ ଜୀବିକାର୍ଜନ ନିମନ୍ତେ ବଜେଟ୍‌ରେ **20 କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

**92.** ମହାନଦୀ ଓଡିଶାର ଜୀବନରେଖା । ଜଳର ଉପଲବ୍ଧତା ବୃଦ୍ଧି ଏବଂ ଜୀବନ ଧାରଣର ଉନ୍ନତି ଉଦ୍ଦେଶ୍ୟରେ ମହାନଦୀର ସୁରକ୍ଷା ଅନିର୍ବାଯ୍ୟ । ଏହାକୁ ଆଖି ଆଗରେ ରଖି **"ଗ୍ରୀନ୍ ମହାନଦୀ ମିଶନ"** ନାମରେ ଏକ ନୂତନ ଯୋଜନାର ଶୁଭାରମ୍ଭ କରାଯାଉଛି, ଯେଉଁଥିରେ ଜନ ପ୍ରତିନିଧି ଓ ଅଂଶୀଦାର ମାନଙ୍କର ବହୁଳ ଭାବରେ ଯୋଗଦାନ ରହିବ । ମୁଁ ଏ ବାବଦରେ **ଏମ୍.ଜି.ଏନ୍.ଆର.ଇ.ଜି.ଏ(MGNREGA)** ଯୋଜନା ଅନ୍ତର୍ଗତ ସଂଯୋଜନ ବ୍ୟତୀତ **30 କୋଟି** ଟଙ୍କାର ବ୍ୟୟ ବରାଦ ନିମନ୍ତେ ପ୍ରସ୍ତାବ ରଖୁଛି ।

## ପର୍ଯ୍ୟଟନ ଉନ୍ନୟନ

**93. ଓଡିଶା ପର୍ଯ୍ୟଟନ ନୀତି, 2016** ମାଧ୍ୟମରେ ପୁଞ୍ଜି ନିବେଶକୁ ଆକର୍ଷିତ କରି ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ଓ ବିପଣନକୁ ପ୍ରୋତ୍ସାହିତ କରାଯିବା ସହିତ ରାଜ୍ୟରେ ବୌଦ୍ଧ ପର୍ଯ୍ୟଟନ ଓ ଇକୋ-ଟୁରିଜିମ୍ (**Eco-Tourism**) ବିକାଶର ଲକ୍ଷ୍ୟ ରହିଛି । ବର୍ତ୍ତମାନ କୁଆଲାଲାମ୍ପୁର ଏବଂ ବ୍ୟାଙ୍କକ୍ ପରି ଦକ୍ଷିଣ ପୂର୍ବ ଏସୀୟ ନଗରୀ ଗୁଡିକୁ ଭୁବନେଶ୍ୱରରୁ ନିୟମିତ ଭାବରେ ସିଧାସଳଖ ଆନ୍ତର୍ଜାତୀୟ ବିମାନ ଚଳାଚଳ ହେଉଛି । ଶାମୁକା ବେଳାଭୂମି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ **"ଶାମୁକା ପର୍ଯ୍ୟଟନ ଉନ୍ନୟନ ନିଗମ"** ପ୍ରତିଷ୍ଠା କରାଯାଇଅଛି । ଚଳିତବର୍ଷ କଳିଙ୍ଗ ଆନ୍ତର୍ଜାତୀୟ ବୌଦ୍ଧ ସମାବେଶ, ଓଡିଶା ଭ୍ରମଣ ବଜାର ଏବଂ **Indian Association of Tour Operators** ର ବାର୍ଷିକ ସମ୍ମିଳନୀ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଓଡିଶାରେ ଆୟୋଜିତ ହୋଇଯାଇଛି । ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ 2018-19 ଆର୍ଥିକ ବର୍ଷରେ **213 କୋଟିର** ବ୍ୟୟବରାଦ କରାଯାଇଛି, ଏହା ମଧ୍ୟରେ **ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା** ନିମନ୍ତେ **11 କୋଟି** ଟଙ୍କାର ବ୍ୟୟବରାଦ ଅନ୍ତର୍ଭୁକ୍ତ । ପର୍ଯ୍ୟଟନ ଭିତ୍ତିଭୂମିର ଏକ ପ୍ରମୁଖ ଅଂଶ ଭାବରେ ପୁରୀଠାରେ ଏକ **ବାଲୁକା କଳା ସଂଗ୍ରହାଳୟ** ପ୍ରତିଷ୍ଠା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ **2 କୋଟି** ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି । Kalinga Institute of Peace and Conflict Resolution ପାଇଁ **5 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**ଓଡିଆ ଭାଷା, ସଂସ୍କୃତି ଓ ଐତିହ୍ୟ –**

**ମାନ୍ୟବର ବାଚସ୍ପତି ମହୋଦୟ!**

**94.** 1936 ମସିହାରେ ଓଡିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ସୃଷ୍ଟି ହୋଇଥିଲା । 2014 ମସିହାରେ ଓଡିଆ ଭାଷା **"ଶାସ୍ତ୍ରୀୟ ଭାଷା"**ର ମାନ୍ୟତା ପାଇଲା । ଓଡିଆ ଭାଷାଭାଷୀ ମାନଙ୍କ ପାଇଁ ଏହା ଏକ ଗୌରବମୟ ମୂହୁର୍ତ୍ତ । ଏହି ପରିପ୍ରେକ୍ଷୀରେ ମୁଁ ଭକ୍ତକବି ମଧୁସୂଦନ ରାଓଙ୍କ ଏହି ଉକ୍ତିକୁ ଅବତାରଣା କରୁଛି :-

**"ମାତୃଭୂମି ମାତୃଭାଷା**
**ଉଭୟେ ଜନନୀ**
**ସେବି ତାଙ୍କୁ ଭକ୍ତି ଭରେ**
**ଦିବସ ରଜନୀ "**

**95.** ପ୍ରଥମଥର ପାଇଁ ରାଜ୍ୟ ରାଜଧାନୀ ବାହାରେ 26 ଡିସେମ୍ବର 2017ରେ ଏକ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଐତିହାସିକ ବୈଠକରେ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ପାଇଁ ବହୁ ଐତିହାସିକ ପଦକ୍ଷେପ ନିଆଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନାମରେ ଏକ ନୂତନ ବିଭାଗ ସୃଷ୍ଟି ହୋଇଛି ଏବଂ **"ଐତିହ୍ୟ କ୍ୟାବିନେଟ"** ଗଠିତ ହୋଇଛି । ଏହି ବିଭାଗକୁ ପରିଚାଳନାଗତ ସ୍ୱାଧୀନତା ଓ ଦକ୍ଷତା ପ୍ରଦାନ କରିବା ନିମନ୍ତେ ଏହି ବଜେଟ୍‌ରେ ଏକ ସ୍ୱତନ୍ତ୍ର ଅନୁଦାନ ଦାବୀର ବ୍ୟବସ୍ଥା କରାଯାଇଛି ।

**96.** ପ୍ରତି ପାଞ୍ଚ ବର୍ଷରେ ଏକ **ବିଶ୍ୱ ଓଡିଆ ଭାଷା ସମ୍ମିଳନୀ** ଅନୁଷ୍ଠିତ ହେବ । ଆସନ୍ତା ବର୍ଷ ପ୍ରଥମଥର ପାଇଁ ଏହା ଅନୁଷ୍ଠିତ ହେବାକୁ ଯାଉଛି, ଯାହା ନିମନ୍ତେ **1 କୋଟି** ଟଙ୍କା ବ୍ୟୟବରାଦ କରାଯାଇଛି । ଓଡିଆ ଭାଷାର ପ୍ରସାର ଓ ସଂରକ୍ଷଣ ନିମନ୍ତେ ଏକ **ଓଡିଆ ଭାଷା କମିଶନ** ଗଠନ କରାଯିବ । ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ  ଓଡିଆ ଅଧ୍ୟୟନକୁ ଦେୟମୁକ୍ତ କରାଯିବ । ଛାତ୍ରଛାତ୍ରୀ ମାନଙ୍କ ପାଇଁ ଦିଆଯାଉଥିବା **ବ୍ୟାସକବି ଫକୀରମୋହନ** ବୃତ୍ତିର ସର୍ତ୍ତାବଳୀ  କୋହଳ କରାଯିବ । +2 ଓ +3 ଶ୍ରେଣୀରେ ଅଧ୍ୟୟନରତ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀ ମାନେ ଓଡିଆ ବିଷୟରେ କୃତିତ୍ୱ ଅର୍ଜନ କଲେ ବର୍ତ୍ତମାନ ବୃତ୍ତି ପାଇବା ନିମନ୍ତେ  ଯୋଗ୍ୟ ବିବେଚିତ ହେବେ । ଓଡିଆ ଭାଷା ଓ ସାହିତ୍ୟରେ ଗବେଷଣାକୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଢାଞ୍ଚାରେ ପ୍ରୋତ୍ସାହିତ କରାଯିବ । **ଓଡିଆ ଭର୍ଚୁଆଲ ଏକାଡେମୀ (Odia Virtual Academy)** ଓଡିଆ ଭାଷାରେ ରଚିତ ପୁସ୍ତକ ଗୁଡିକର digitization କରି ତାହାକୁ ଅନ୍ ଲାଇନ୍‌ରେ ଉପଲବ୍ଧ କରାଇବ । ମୁଁ **ଅତିବଡି ଜଗନ୍ନାଥ ଦାସଙ୍କର ଜନ୍ମଦିବସ ପାଳନ** ଏବଂ **କପିଳେଶ୍ୱରପୁର** ଓ **ସାତଲହଡି ମଠ**ର ପୁନରୁଦ୍ଧାର ନିମନ୍ତେ **1 କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖୁଛି ।

**97.** ଆମର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିର କେନ୍ଦ୍ରବିନ୍ଦୁ ହେଉଛନ୍ତି ଆମ ରାଜ୍ୟର ଶିଳ୍ପୀଗଣ । ମାନ୍ୟବର ମୁଖ୍ୟମନ୍ତ୍ରୀ 45 ବର୍ଷରୁ ଊର୍ଦ୍ଧ୍ୱ ମହିଳା କଳାକାର ଓ 60 ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ କଳାକାରଙ୍କ ନିମନ୍ତେ ମାସିକ 1 ହଜାର

200 ଟଙ୍କା ହିସାବରେ ଭତ୍ତାପ୍ରଦାନ ନିମନ୍ତେ "**ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା"**ର ଘୋଷଣା କରିଛନ୍ତି । ଏହା ଅଧୀନରେ 50 ହଜାର ହିତାଧିକାରୀ ଉପକୃତ ହେବେ । ଏଥିପାଇଁ ମୁଁ **60 କୋଟି** ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖୁଛି । ଭାଗବତ ଟୁଙ୍ଗୀର ସଂଖ୍ୟା ଓ ତାହାକୁ ଦିଆଯାଉଥିବା ଅନୁଦାନ ରାଶିକୁ ଦ୍ୱିଗୁଣିତ କରାଯିବ ।

**98.** **କଳାମଣ୍ଡଳ**ର ପ୍ରତିଷ୍ଠା ଏବଂ **ପ୍ରେକ୍ଷାଳୟ** ଓ **କଳାମଣ୍ଡପ**ର ଉନ୍ନତି ଓ ନବୀକରଣ ପାଇଁ ଯଥାକ୍ରମେ **10 କୋଟି** ଓ **5 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି । ପ୍ରତ୍ୟେକ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ସର୍ବସାଧାରଣଙ୍କ ନିମନ୍ତେ ପାଠାଗାର ପ୍ରତିଷ୍ଠା କରାଯିବ ।

**କ୍ରୀଡା ଓ ଯୁବ ସେବା**

**99.** ଅଧୁନା ଓଡିଶା ବିଶ୍ୱକ୍ରୀଡା କେନ୍ଦ୍ରର ପରିଚିତି ହାସଲ କରିପାରିଛି । ନିର୍ଦ୍ଧିଷ୍ଟ ସମୟସୀମା ଭିତରେ କ୍ରିଡାଭିତ୍ତିଭୂମି ନିର୍ମାଣ ଓ ତୃଟିଶୂନ୍ୟ ସାଙ୍ଗଠନିକ ସାମର୍ଥ୍ୟରେ ଆମର ପାରଦର୍ଶିତା ଦେଖାଇପାରିଛୁ । 90 ଦିନ ରେକର୍ଡ ସମୟ ଭିତରେ ଜୁଲାଇ, 2017 ରେ 22 ତମ ଏସୀୟ କ୍ରିଡା ପ୍ରତିଯୋଗିତା, ବିଶ୍ୱ ହକି ଲିଗ୍, ଭାରତୀୟ ସୁପର ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତା ଆମର ସାମର୍ଥ୍ୟ ଓ ପ୍ରତିବଦ୍ଧତାର ପ୍ରମାଣ । ଭୁବନେଶ୍ୱରରେ ଆମେ ଡେଭିସ୍ କପ୍ ପ୍ରତିଯୋଗିତା କରିବାରେ ସହଯୋଗ କରିବୁ । 2018 ମସିହାରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହକି ପୁରୁଷ ବିଶ୍ୱ କପ୍ ଆୟୋଜନ କରିବା ଆମ ପାଇଁ ଏକ ଗୌରବର ମୁହୂର୍ତ୍ତ ହେବ । ଏହା ରାଜ୍ୟ ପାଇଁ ଏକ ଆହ୍ୱାନ ଓ ସୁଯୋଗ

ହେବ । ଏହି ସବୁକୁ ଆୟୋଜନ କରିବାକୁ କଳିଙ୍ଗ ଷ୍ଟାଡିୟମର ଉନ୍ନୟନ ଓ ସୁରକ୍ଷା ଭିତ୍ତିଭୂମି ଏବଂ ସହରାଞ୍ଚଳ ଗମନାଗମନ ସୁବିଧାର ଉନ୍ନତି ପାଇଁ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ।

**100.** ଆମ ଦୂରଦୃଷ୍ଟି ସମ୍ପନ୍ନ ମୁଖ୍ୟମନ୍ତ୍ରୀଙ୍କର ଉଦ୍ୟମ ଯୋଗୁଁ ସମଗ୍ର ଦେଶରେ ଓଡିଶା ପ୍ରଥମ ରାଜ୍ୟ ଭାବେ ପାଞ୍ଚ ବର୍ଷ ପାଇଁ ସମସ୍ତ ଜାତୀୟ ବରିଷ୍ଠ ଓ କନିଷ୍ଠ, ପୁରୁଷ ଏବଂ ମହିଳା ହକି ପ୍ରତିଯୋଗିତା ପ୍ରାୟୋଜିତ କରିବାକୁ ହକି ଇଣ୍ଡିଆ ସହିତ ଐତିହାସିକ ଭାଗିଦାରୀ ଚୁକ୍ତି ସ୍ୱାକ୍ଷର କରିଛି ।

**101.** ତୃଣମୂଳ ସ୍ତରରେ କ୍ରୀଡା ଭିତ୍ତିଭୂମି ଉନ୍ନୟନ ଓ ପରିଚାଳନା କରିବାକୁ **SWARNA** ନିମନ୍ତେ **100 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏତଦ୍‌ବ୍ୟତିତ ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କଟକରେ କ୍ରୀଡା ଭିତ୍ତିଭୂମିର ଉନ୍ନତି ପାଇଁ **12 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । କୋଣାର୍କରେ "**Sun and Sand Marathon**" ଆୟୋଜନ ପାଇଁ **15 କୋଟି ଟଙ୍କା** ବ୍ୟୟବରାଦ କରାଯଆଇଛି । ଆଦିବାସୀ ଯୁବକଯୁବତୀଙ୍କ ଭିତରେ ଲୁକ୍କାୟିତ କ୍ରୀଡା ପ୍ରତିଭା ଚିହ୍ନଟ କରିବା ଉଦ୍ଦେଶ୍ୟରେ ଏବଂ ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ପ୍ଲାଟଫର୍ମ ଯୋଗାଇ ଦେବାକୁ "**ଆଦିବାସୀ କ୍ରୀଡା**" ଆୟୋଜନ କରିବାରେ ଦେଶରେ ଓଡିଶା ହେଉଛି ପ୍ରଥମ ରାଜ୍ୟ ।

**102.** ଯୁବନୀତି ଅଧିନରେ ଯୁବକମାନଙ୍କ ନିକଟରେ ପହଁଞ୍ଚିବାକୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୁବପ୍ରେରିତ ସାମାଜିକ କାର୍ଯ୍ୟ ଏବଂ ଗୋଷ୍ଠି କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସାହିତ କରିବାକୁ ଆମେ ପ୍ରାଥମିକତା ଦେଉଛୁ । "**ବିଜୁ ଯୁବ ସଶକ୍ତି କରଣ ଯୋଜନା**" ଏବଂ ଏହାର ନୂଆ ଉପଯୋଜନା "**ବିଜୁ ଯୁବ ବାହିନୀ**" ନେତୃତ୍ୱ ଓ ସ୍ୱେଚ୍ଛାସେବୀ ମନୋଭାବ ପୋଷଣ କରିବା, କ୍ରୀଡା ଓ ଖେଳୁଆଡ ମନୋଭାବ ସଂସ୍କୃତିକୁ ପ୍ରୋତ୍ସାହନ ଦେବା, ଯୌବନରେ ସୁସ୍ଥ ଜୀବନ ଯାପନ କରିବା, ଯୁବ ପ୍ଲାଟ୍‌ଫର୍ମ ପ୍ରତିଷ୍ଠା କରିବା ଏବଂ ରାଜ୍ୟରେ ଯୁବକଙ୍କୁ କାର୍ଯ୍ୟରେ ନିୟୋଜିତ କରିବାପାଇଁ ଉଦ୍ଦିଷ୍ଟ । ଏଥିପାଇଁ ମୁଁ **103 କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ରଖୁଛି । 2017-18 ବର୍ଷରେ କ୍ରୀଡା ଓ ଯୁବ ସେବା ବିଭାଗ ପାଇଁ 149 କୋଟି ଟଙ୍କାର ବ୍ୟୟବରାଦ ଥିବାବେଳେ 2018-19 ବର୍ଷରେ ଏହା 130 ପ୍ରତିଶତ ବୃଦ୍ଧି ପାଇ **341 କୋଟି ଟଙ୍କା**ରେ ପହଁଞ୍ଚିଛି ।

**ବିଜ୍ଞାନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା**

**103.** ବିଜ୍ଞାନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପାଇଁ 2018-19 ରେ **55 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି, ଏଥିମଧ୍ୟରୁ ସରକାରୀ କୋଠାର ଛାତ ଉପରେ ସୌରଶକ୍ତି ପ୍ଲାଣ୍ଟ ପ୍ରତିଷ୍ଠା ଏବଂ ସୌରଶକ୍ତି ପର୍ଯ୍ୟବସିତ ପାନୀୟ ଜଳ ପ୍ରକଳ୍ପ ପାଇଁ 20 କୋଟି ଟଙ୍କା ରହିଛି । ସୁଶାସନ ପାଇଁ ସୂଚନା ପ୍ରଯୁକ୍ତି ବିଦ୍ୟା ମୁଖ୍ୟ ଆୟୁଧ । 2018-19 ଆର୍ଥିକ ବର୍ଷରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପାଇଁ **113 କୋଟି ଟଙ୍କା**

ବ୍ୟୟବରାଦ ହୋଇଛି, ତନ୍ମଧ୍ୟରୁ **State Wide Area Network** (**SWAN**) ଏବଂ **State Data Centre** ପାଇଁ ଯଥାକ୍ରମେ 20 କୋଟି ଓ 11 କୋଟି ଟଙ୍କା ବ୍ୟୟ ହେବ । **Software Technology Park** of India ପ୍ରତିଷ୍ଠା ପାଇଁ 13 କୋଟି ଟଙ୍କା ଏବଂ ଭୁବନେଶ୍ୱରର IIIT ପାଇଁ 14 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

**ବିପର୍ଯ୍ୟୟ ପ୍ରଶମନ**

**104.** ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ, ସମୟ କ୍ରମେ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା କରିବାରେ ଆମେ ସାମର୍ଥ୍ୟ ହାସଲ କରିପାରିଛୁ ଯାହା ବିଶ୍ୱସ୍ତରରେ ସ୍ୱୀକୃତି ଲାଭ କରିଛି । ମୁଁ **ବିପର୍ଯ୍ୟୟ ପ୍ରଶମନ** ପାଇଁ **2 ହଜାର 90 କୋଟି ଟଙ୍କା** ବ୍ୟୟବରାଦ କରିଛି । ଏଥିରେ **SDRF** ପାଇଁ **865 କୋଟି ଟଙ୍କା** ଏବଂ **NDRF** ପାଇଁ **1 ହଜାର କୋଟି ଟଙ୍କା** ରହିଛି । ବିଶ୍ୱ ବ୍ୟାଙ୍କ ସହାୟତାରେ **Odisha Disaster Recovery Project (ODRP)** ପାଇଁ **150 କୋଟି ଟଙ୍କା** ବ୍ୟୟବରାଦ  କରାଯାଇଛି । ଏହା କ୍ଷତିଗ୍ରସ୍ତ ବାସଗୃହର ପୁନଃନିର୍ମାଣ ଏବଂ ଆନୁସଙ୍ଗିକ ଭିତ୍ତିଭୂମି ପ୍ରତିଷ୍ଠା ଯଥା ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାର ଆଭ୍ୟନ୍ତରୀଣ ସଡକ, ଜଳ ଯୋଗାଣ ଏବଂ ପରିମଳ ପାଇଁ ଉଦ୍ଦିଷ୍ଟ । **National Cyclone Risk Mitigation Programme (NCRMP)** ପାଇଁ **69 କୋଟି ଟଙ୍କାର** ବ୍ୟୟବରାଦ ହୋଇଛି ।

**ଭୂ-ପ୍ରଶାସନ**

**105.** ରାଜସ୍ୱ ଓ ପଞ୍ଜିକରଣ ପ୍ରଶାସନ ଅନେକ ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେଥିରେ ଭୂ-ଅଭିଲେଖ, ଜମିଜମା ବନ୍ଦୋବସ୍ତ, ଜମି ଅଧିଗ୍ରହଣ, ପଞ୍ଜିକରଣ ଓ ଷ୍ଟାମ୍ପ ଶୁଳ୍କ, ବିଭିନ୍ନ ପ୍ରକାରର ପ୍ରମାଣ ପତ୍ର ପ୍ରଦାନ ଏବଂ ଲଘୁ ଖଣିଜ ଦ୍ରବ୍ୟର ପରିଚାଳନା ଅନ୍ତର୍ଭୁକ୍ତ । 2018-19 ରେ **1 ହଜାର 74 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି, ଯେଉଁଥିରେ ରାଜସ୍ୱ ନିରୀକ୍ଷକଙ୍କ ଦପ୍ତର ଓ ଆବାସିକ ଗୃହନିର୍ମାଣ, ଅଭିଲେଖ ଡିଜିଟାଇଜେସନ, ଆଇଟି ହାର୍ଡୱେୟାର ଏବଂ ସଂଯୋଗୀକରଣ, ସରକାରୀ ଜମିର ସୁରକ୍ଷା ଏବଂ ଲଘୁ ଖଣିଜ ଦ୍ରବ୍ୟ ପାଇଁ ପ୍ରବର୍ତ୍ତନ ଦୃଢ଼ିକରଣ **154 କୋଟି ଟଙ୍କା** ଅନ୍ତର୍ଭୁକ୍ତ ।

**ଯୋଜନା ଓ ସଂଯୋଜନ**

**106.** ମୁଁ ଯୋଜନା ଓ ସଂଯୋଜନ ବିଭାଗ ନିମନ୍ତେ 2018-19 ଆର୍ଥିକ ବର୍ଷରେ **935 କୋଟି ଟଙ୍କାର** ବ୍ୟୟ ଅଟକଳର ପ୍ରସ୍ତାବ ରଖୁଅଛି । ତନ୍ମଧ୍ୟରୁ **ବିଧାୟକ ଉନ୍ନୟନ ପାଣ୍ଠି** ନିମନ୍ତେ **147 କୋଟି ଟଙ୍କା**; ନଅଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର **ସ୍ୱତନ୍ତ୍ର ଉନ୍ନୟନ ପରିଷଦ** ନିମନ୍ତେ **176 କୋଟି ଟଙ୍କା**, **ବିଜୁ କେବିକେ ଯୋଜନା** ନିମନ୍ତେ **120 କୋଟି ଟଙ୍କା** ଓ **ଜିଲ୍ଲା ଗୁଡିକରେ ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ** ପାଇଁ **109 କୋଟି ଟଙ୍କା** ଅନ୍ତର୍ଭୁକ୍ତ । ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ପାଇଁ **ପଶ୍ଚିମ ଓଡିଶା ବିକାଶ ପରିଷଦ** ନିମନ୍ତେ **80 କୋଟି ଟଙ୍କା**ର ଅନୁଦାନ ପ୍ରସ୍ତାବ ରହିଅଛି । **State PPP Policy**

ମାଧ୍ୟମରେ ରାଜ୍ୟ ଭିତ୍ତିଭୂମି ପ୍ରତିଷ୍ଠା କ୍ଷେତ୍ରରେ ବେସରକାରୀ ଭାଗିଦାରୀକୁ ପ୍ରୋତ୍ସାହନ ଦେବା ନିମନ୍ତେ **State Viability Gap Fund** ପାଇଁ **40 କୋଟି ଟଙ୍କା**ର ପ୍ରସ୍ତାବ ରଖାଯାଇଛି । ପୁନଶ୍ଚ, ବିପଦ ସଙ୍କୁଳ କ୍ଷେତ୍ରରେ ଜିଲ୍ଲା ସ୍ତରରେ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ **Critical Gap Fund** ନିମନ୍ତେ **42 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି । ସ୍ଥାନୀୟ ଅଞ୍ଚଳରେ ଜରୁରୀ ଆବଶ୍ୟକତା ଥିବା ଛୋଟ ଓ ଅତ୍ୟାବଶ୍ୟକୀୟ ପ୍ରକଳ୍ପ ପାଇଁ **ସ୍ୱତନ୍ତ୍ର ସମସ୍ୟା ପାଣ୍ଠି** ନିମନ୍ତେ **40 କୋଟି ଟଙ୍କା** ଓ **ବିଜୁ କନ୍ଧମାଳ ଓ ଗଜପତି ଯୋଜନା** ପାଇଁ **29 କୋଟି ଟଙ୍କା**ର ପ୍ରସ୍ତାବ ରଖାଯାଇଛି ।

**107.** ଡିଷ୍ଟ୍ରିକ୍ ମିନେରାଲ ଫଣ୍ଡ (**DMF**) ଓ ଓମ୍ବାଡ୍‌ସି (**OMBADC**) ପାଣ୍ଠି, ଖଣିଜ ସମ୍ପଦପୂର୍ଣ୍ଣ ଜିଲ୍ଲା ଗୁଡିକର ଉନ୍ନୟନକୁ ତ୍ୱରାନ୍ୱିତ କରିବ । ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ଅନୁସାରେ ପ୍ରାୟ 12 ହଜାର କୋଟି ଟଙ୍କା OMBADC ର ସାଧାରଣ ଜମା ପାଣ୍ଠିରେ ସଂଗୃହିତ ହୋଇଛି । ଯୋଜନା ଓ ସଂଯୋଜନ ବିଭାଗ, ସମ୍ବଳର ଅଯଥା ବିନିଯୋଗ ରୋକିବା ନିମନ୍ତେ ଓ ସମ୍ବଳର ସର୍ବୋତ୍କୃଷ୍ଟ ବିନିଯୋଗ ପାଇଁ ସୁବ୍ୟବସ୍ଥିତ ଓ ସୁସଂଯୋଜିତ ମଧ୍ୟମ ମିଆଦି ଯୋଜନା ପ୍ରସ୍ତୁତ ନିମନ୍ତେ ଏକ ସମନ୍ୱୟ ପଦ୍ଧତି ପ୍ରଣୟନ କରିଛନ୍ତି । ଏହା ବ୍ୟତିତ, ବଜେଟ୍ ବାହାରେ ଉପଲବ୍ଧ ସମ୍ବଳ ଯଥା : **CAMPA** ପାଣ୍ଠି, ଓ କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ

ବୋର୍ଡ ପାଣ୍ଠି ଏବଂ **OSAM** ବୋର୍ଡ ପାଣ୍ଠି ଉପରୋକ୍ତ ସଂଯୋଜନ ପ୍ରକ୍ରିୟାର ଅଂଶ ବିଶେଷ ।

**ଆର୍ଥିକ ପରିଚାଳନା ସଂସ୍କାର**

**108.** ଆମେ ସରକାରୀ ଖର୍ଚ୍ଚ ପରିଚାଳନା ଦକ୍ଷତା ବୃଦ୍ଧି ନିମନ୍ତେ ଅନେକ ଗୁଡିଏ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିଛୁ । ତନ୍ମଧ୍ୟରୁ କେତେଗୋଟି ପଦକ୍ଷେପ ଉପରେ ମୁଁ ଆଲୋକପାତ କରୁଛି ।

**(କ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କର e-Pay ବ୍ୟବସ୍ଥା ସହ IFMS ର ସଂଯୋଜନା :** ଓଡିଶା IFMS କୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର e-Pay ବ୍ୟବସ୍ଥା ସହ ସଂଯୋଗ କରାଯାଇ ଉଭୟ Online ଓ Offline ମାଧ୍ୟମରେ ବିଭିନ୍ନ ଟିକସ ପୈଠ ପାଇଁ ଏକ ବ୍ୟବସ୍ଥା ଓଡିଶା କୋଷାଗାର ପୋର୍ଟାଲରେ ଉପଲବ୍ଧ କରାଯାଇଛି । ଏହି ନୂତନ ପଦକ୍ଷେପ ବିଭିନ୍ନ ଦେୟକୁ ପ୍ରମୁଖ ବ୍ୟାଙ୍କ ଗୁଡିକର **Debit** ଓ **Credit Card** ତଥା **Internet Banking** ମାଧ୍ୟମରେ ପୈଠ କରିବାକୁ ସୁଗମ କରିଛି । **Multi- Accounts Settlement, e-Payment** କୁ ପ୍ରୋତ୍ସାହିତ କରିବା ସଙ୍ଗେସଙ୍ଗେ ଜନସାଧାରଣଙ୍କ ନିମନ୍ତେ ସହଜରେ ରାଜସ୍ୱ, ପରିବହନ, ଶିଳ୍ପ, ଖଣି ଓ ଇସ୍ପାତ ପ୍ରଭୃତି ବିଭାଗର କାର୍ଯ୍ୟକୁ ସୁଗମ କରିଛି ।

**(ଖ) ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (IFMS 2.0)**: କୋଷାଗାରକୁ ସ୍ୱୟଂଚାଳିତ କରିବାପାଇଁ ପ୍ରାପ୍ତି ଓ ଖର୍ଚ୍ଚ ଇଲେକ୍ଟ୍ରୋନିକ୍ ପଦ୍ଧତିରେ ସଂଞ୍ଚାଳିତ କରିବା ଉଦ୍ଦେଶ୍ୟରେ **IFMS** ପ୍ରଚଳନ କରିବାରେ

ଓଡ଼ିଶା ଜାତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟ ଅଟେ । ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରାଯାଇ ସମସ୍ତ ଅର୍ଥ କାରବାରକୁ ଆହରଣ ଓ ବିତରଣ ଅଧିକାରୀଙ୍କ ଠାରୁ ଆରମ୍ଭ କରି ମହାଲେଖାକାରଙ୍କ ପର୍ଯ୍ୟନ୍ତ ଡିଜିଟାଲ୍ ପଦ୍ଧତିରେ ପେପର ଲେସ୍ ଭାବରେ ନିର୍ବାହ କରିବା ନିମନ୍ତେ **e-Praman** ଓ **e-Signature** ପ୍ରଚଳନ କରାଯିବ । **PFMS** ସହ ଏହି ବ୍ୟବସ୍ଥାର ସଂଯୋଗକୁ ଆହୁରି ସୁଦୃଢ଼ କରାଯିବ ।

**(ଗ) ପେନ୍ସନ୍ ର ଅନ୍‌ଲାଇନ୍ ସଂଶୋଧନ ପାଇଁ "ଅର୍ପଣ" (ARPAN) ପୋର୍ଟାଲ** : ଆମେ ପେନ୍ସନ୍ ଉପଭୋକ୍ତାମାନଙ୍କ ପେନ୍ସନ୍‌କୁ ଅନ୍‌ଲାଇନ୍ ସଂଶୋଧନ କରିବା ନିମନ୍ତେ "ଅର୍ପଣ" (ARPAN) ପୋର୍ଟାଲର ଶୁଭାରମ୍ଭ କରିଛୁ । ଏହା ପେନ୍ସନ୍ ଉପଭୋକ୍ତାମାନଙ୍କୁ ବିନା ସମସ୍ୟାରେ ପେନ୍ସନ୍ ସେବା ଯୋଗାଇବା ନିମନ୍ତେ ସହାୟକ ହେବ ।

**ମାନ୍ୟବର ବାଚସ୍ପତି ମହୋଦୟ!**

ରାଜ୍ୟର ଉନ୍ନୟନ ନିମନ୍ତେ ଆମେ ଅନେକ ଗୁଡିଏ ଆହ୍ୱାନର ସମ୍ମୁଖୀନ ହେଉଛୁ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଆମ ରାଜ୍ୟର ବିଭିନ୍ନ କ୍ଷେତ୍ରର ବିକାଶ ନିମନ୍ତେ ଆମ ସମ୍ବଳର ସୁବିନିଯୋଗ କରି ପରସ୍ପର ପ୍ରତିଦ୍ୱନ୍ଦି ପ୍ରାଧାନ୍ୟତା ଗୁଡିକୁ ସଫଳତାର ସହିତ ଅଗ୍ରାଧିକାର ଦେଇପାରିଛୁ । ମୋର ଆଶା ଓ ବିଶ୍ୱାସ, ଏହି ବଜେଟ୍ ରାଜ୍ୟର ଉନ୍ନୟନ ନିମନ୍ତେ ଆମର ପ୍ରତିବଦ୍ଧତାର ଏକ ପ୍ରତିଫଳନ । ଏଥିସହିତ ଏ ବଜେଟ୍‌କୁ ମୁଁ ରାଜ୍ୟ ବାସୀଙ୍କୁ ଉତ୍ସର୍ଗ କରୁଅଛି । ଉକ୍ତ ବଜେଟ୍‌ର ଅନୁମୋଦନ ନିମନ୍ତେ ଏହି ପବିତ୍ର ଗୃହରେ ମୁଁ ପ୍ରସ୍ତାବ ରଖୁଛି ।

**// ବନ୍ଦେ ଉତ୍କଳ ଜନନୀ //**

**ଜୟହିନ୍ଦ୍**